୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

Vol.27. No.109 Bhubaneswar Saturday June 07 2025 | ୨୭ତମ ବର୍ଷ ସଂଖ୍ୟା-୧୦୯ ଭୁବନେଶ୍ୱର, ଶନିବାର, ଜୁନ ୦୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ବ୍ରହ୍ମପୁରରୁ ସମ୍ବଲପୁରକୁ ଯୋଡିବ 'ନମୋ ଏକ୍ସପ୍ରେସୱେ': ଜଗନ୍ନାଥଙ୍କ ପାଇଁ ଡିଜିଟାଲ ହୁଣ୍ଡି 'ସମର୍ପଣ'



ଭୁବନେଶ୍ୱର,୬।୬(ପି.ଏନ): ରାଜ୍ୟ ସରକାର ସଡକ ଭିତ୍ତିଭୂମିକୁ ସୁଦୃ? କରିବା ପାଇଁ 'ନମୋ ଏକ୍ସପ୍ରେସୱେ' ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଜାତୀୟ ରାଜପଥ ପ୍ରାଧିକରଣ ସହଯୋଗରେ ଏହି ଗ୍ରୀନଫିଲଡ୍ 'ନମୋ ଏକ୍ସପ୍ରେସ୍ ?ୱେ'କୁ ବ୍ରହ୍ମପୁର ସହରରୁ ଜୟପୁର ସହର ଦେଇ ସମ୍ବଲପୁର ସହର ପର୍ଯ୍ୟନ୍ତ ନିର୍ମାଣ କରାଯିବ ବୋଲି ଜଣାପଡିଛି । ଏହାସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ଅନଲାଇନ୍ ଦାନ ବ୍ୟବସ୍ଥାରେ ସୁଧାର ଓ ସରଳୀକରଣ କରିବାକୁ 'ସମର୍ପଣ' ନାମରେ ଏକ ଡିଜିଟାଲ ହୁଣ୍ଡି ପ୍ରତିଷ୍ଠା ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏଦିଗରେ ପଦକ୍ଷେପ ନେଇଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ନିଜ ସରକାରର ପ୍ରଥମ ବର୍ଷପୂର୍ତ୍ତି ପୂର୍ବରୁ ଏକ ୟୁଓଆଇ ନୋଟ୍ ମାଧ୍ୟମରେ ବିଭିନ୍ନ ନିର୍ଦ୍ଦେଶନାମା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶ ପରେ ବିଭାଗଗୁଡିକ ଆବଶ୍ୟକ ପଦକ୍ଷେପ ନେଇଥିବା ଜଣାପଡିଛି । ରାଜ୍ୟରେ ଖାଲି ପଡିଥିବା ବିଭିନ୍ନ ସରକାରୀ ପଦବୀକୁ ତୁରନ୍ତ ପୂରଣ ଦିଗରେ ପଦକ୍ଷେପ ନେବା ଓ ବଜେଟରେ ଘୋଷଣା ହୋଇଥିବା ବିଭିନ୍ନ ଯୋଜନା, ସରକାରଙ୍କ ୧୨ଟି ନୂଆ ନୀତିକୁ ଚୂଡାନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ୟୁଓଆଇ ନୋଟ୍ ପରେ ମୁଖ୍ୟସଚ଼ିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ଏସବୁ ପ୍ରସଙ୍ଗ ଉପରେ ଆଲୋଚ଼ନା ହୋଇଥିବା ଜଣାପଡିଛି ।

## କୋଟିଆ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

ଭୁବନେଶ୍ୱର,୬।୬(ପି.ଏନ): ବିଜେପି ସରକାରଙ୍କୁ ଟାର୍ଗେଟ କଲା ବିଜେଡି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋଟିଆ ପ୍ରସଙ୍ଗକୁ ନେଇ ବର୍ଷିଛନ୍ତି ବିଜେଡି ନେତା ପ୍ରଦୀପ ମାଝୀ । ସେ କହିଛନ୍ତି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛି ବିଜେପି ସରକାର । କୋଟିଆ ପ୍ରସଙ୍ଗରେ ଲୋକଙ୍କୁ ଠକିବା ପାଇଁ ରାଜ୍ୟ ସରକାର କମିଟି ଗଠନ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ସୀମା ବିବାଦ ଉପରେ ପଦୁଟିଏ କହୁନାହାନ୍ତି। ଏବେ ଟ୍ରିପଲ ଇଞ୍ଜିନ ସରକାର ଅଛି। ତଥାପି ସମାଧାନ ହେଉନାହିଁ । ପୂର୍ବ ବିଜେଡି ସରକାର ସମୟରେ କୋଟିଆ ପଞ୍ଚାୟତକୁ ୧୬୪ କୋଟି ଟଙ୍କାର ଭେଟି ଦିଆଯାଇଥିଲା । ସବୁଠି ରାସ୍ତା, ପାଣି ଓ ବିଦ୍ୟୁତ ବ୍ୟବସ୍ଥା କରାଯାଇଥିଲା । କୋଟିଆବାସୀଙ୍କୁ ବିଏସକେୱାଇ କାର୍ଡ ଦିଆଯାଇଥିଲା । କୋଟିଆରେ ଲୋକଙ୍କୁ ନିଯୁକ୍ତି ଦେବା ସହ ନବୀନଙ୍କ ସମୟରେ ନକ୍ସଲମାନଙ୍କୁ ଦମନ କରିବା ଓ ପର୍ଯ୍ୟଟନର ବିକାଶ କରାଯାଇଥିଲା । ଏବେ ରାଜସ୍ୱ ମନ୍ତ୍ରୀ କହୁଛନ୍ତି, ସେଠି ଚ଼ାଷୀମାନଙ୍କୁ ମାର୍କେଟ ଆକ୍ସେସ ଦେବେ। ପ୍ରଥମେ ସୀମା ବିବାଦର ସମାଧାନ କରନ୍ତୁ। ପାର୍ଲାମେଣ୍ଟରେ ଏ ପ୍ରସଙ୍ଗ ଉଠାନ୍ତୁ। କୋଟିଆର ଚ଼ାଷୀଙ୍କୁ ଉପେକ୍ଷା କରାଯାଉଛି । କୋଟିଆ ଲାଗି ରାଜ୍ୟ ସରକାରଙ୍କ ଦୃଷ୍ଟିଭଙ୍ଗୀ କ'ଣ ବୋଲି ପ୍ରଶ୍ନ କରିଛି ବିଜେଡି ।

## କଳା ତାଲିକାଭୁକ୍ତ କମ୍ପାନୀକୁ ରାଜ୍ୟ ସରକାରଙ୍କ ଅହେତୁକ ଅନୁକମ୍ପା



ଭୁବନେଶ୍ୱର,୬।୬(ପି.ଏନ): ସୁନ୍ଦରଗଡରେ ଫେଲ, କଳାହାଣ୍ଡିରେ ପାସ୍। ୩୦ କୋଟି ଟଙ୍କାର କାମ କରିବାରେ ବିଫଳ କମ୍ପାନୀକୁ ୩ହଜାର ୬୪୨ କୋଟି ଟଙ୍କାର ଉପହାର। ରାଜ୍ୟ ସରକାରଙ୍କ ଅଜବ ନୀତିକୁ ବିରୋଧୀଙ୍କ ସମାଲୋଚ଼ନା। ଜିଲ୍ଲା ଖଣିଜ ପାଣ୍ଠି ୩୦କୋଟି ଟଙ୍କା ଦେଇଥିଲା ସୁନ୍ଦରଗଡର ବିଜୁଳି ବନ୍ଧ ପୋଖରୀରେ ସୌନ୍ଦର୍ଯ୍ୟକରଣ ଯୋଜନା ପାଇଁ। କାମର ଦାୟିତ୍ୱ ନେଇଥିଲା କେନ୍ଦ୍ର ସରକାରଙ୍କ ପିଏସୟୁ ୱାଟର ଏଣ୍ଡ ପାୱାର କର୍ପୋରେସନ ବା ୱାପକସ୍। ହେଲେ କମ୍ପାନୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାମ ସାରିପାରିଲା ନାହିଁ। କାମ କରିପାରିନଥିବାରୁ ରାଜ୍ୟ ସରକାର ଏହି କମ୍ପାନୀକୁ କଳାତାଲିକା ଭୁକ୍ତ କରିଦେଲେ। ଅଗଷ୍ଟ ୨୦୨୪ରେ ସୁନ୍ଦରଗଡ ବିଧାୟକ ଯୋଗେଶ ସିଂଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ବିଧାସଭାରେ ଏଭଳି ତଥ୍ୟ ରଖିଥିଲେ। ହେଲେ ଏହି ଅପାରଗ କମ୍ପାନୀକୁ ଶକ୍ତି ବିଭାଗ ଏବେ ୩ହଜାର ୬୪୨ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛି। କଳାହାଣ୍ଡିର ମୁଖିଗୁଡା ଡ୍ୟାମ ଓ ଅପର ଇନ୍ଦ୍ରାବତୀ ଡ୍ୟାମ ମଧ୍ୟରେ ପମ୍ପଡ୍ ଷ୍ଟୋରେଜ ପ୍ରକଳ୍ପ ଜରିଆରେ ୬୦୦ ମେଗାୱାଟ ବିଜୁଳି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଯେଉଁ କମ୍ପାନୀ ୩୦ କୋଟିର ବିଜୁଳି ବନ୍ଧ ପୋଖରୀ ଉନ୍ନତିକରଣ ଯୋଜନା କାର୍ଯ୍ୟକାରୀ କରିବାରେ ବିଫଳ ହେଲା, ସେହି କମ୍ପାନୀ କିପରି ୩ ହଜାର ୬୪୨ କୋଟି ଟଙ୍କାର ବିଜୁଳି ଉତ୍ପାଦନ ପ୍ରକଳ୍ପ କାମ କରିବ, ତାକୁ ନେଇ ସୃଷ୍ଟି ହୋଇଛି ସନ୍ଦେହ। ସରକାରଙ୍କ ଗୋଟିଏ ବିଭାଗ ଦ୍ୱାରା କଳା ତାଲିକାଭୁକ୍ତ ହୋଇଥିବା କମ୍ପାନୀ ଆଉ ଗୋଟିଏ ବିଭାଗରେ କିପରି ବିଶ୍ୱାସଯୋଗ୍ୟ ହୋଇପାରୁଛି, ତାକୁ ନେଇ ପ୍ରଶ୍ନ କରିଛନ୍ତି ବିରୋଧୀ। ସୁନ୍ଦରଗଡ ବିଧାୟକ ଯୋଗେଶ ସିଂ ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚ଼ନା କରିଛନ୍ତି। ଏପରିକି ଏହି କମ୍ପାନୀକୁ ପମ୍ପଡ୍ ଷ୍ଟୋରେଜ ପ୍ରକଳ୍ପରୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚ଼ିଠି ଲେଖିବେ ବୋଲି କହିଛନ୍ତି। ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ମଧ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ସମାଲୋଚ଼ନା କରିଛି। ସରକାରରେ ଘଡିକେ ଘୋଡା ଛୁଟୁଛି। ୧୦ ମାସ ତଳେ ସରକାର ପାଇଁ ଖରାପ କାମ କରୁଥିବା କମ୍ପାନୀ ଏବେ ସରକାରଙ୍କ ଗେହ୍ଲାପୁଅ ସାଜିଛି। ୩୦କୋଟି ଟଙ୍କାର କାମ କରିବାରେ ଅସମର୍ଥ କମ୍ପାନୀକୁ ସରକାର ସାଢେ ୩ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଟେକିଦେବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

## କଶ୍ମୀରରୁ କନ୍ୟାକୁମାରୀ ରେଳ ଲିଙ୍କ୍: ପୂରଣ ହେଲା ୧୪୧ ବର୍ଷର ସ୍ୱପ୍ନ



ଭୁବନେଶ୍ୱର,୬।୬(ପି.ଏନ): ୧୮୮୪ ମସିହାର କଥା। ଜମ୍ମୁ-କଶ୍ମୀରର ମହାରାଜ ପ୍ରତାପ ସିଂହ ତାଙ୍କ ପ୍ରଧାନମନ୍ତ୍ରୀ ଦିୱାନ ଅନନ୍ତ ରାମଙ୍କୁ ଗଭର୍ଣ୍ଣମେଣ୍ଟ ଅଫ ବ୍ରିଟିଶ ଇଣ୍ଡିଆ ବା ଇଂରେଜ ସରକାରଙ୍କୁ ଗୋଟିଏ ଚ଼ିଠି ଲେଖିବାକୁ କହିଥିଲେ। ଏହି ଚ଼ିଠି ଜରିଆରେ ସେ ନିଜ ରାଜ୍ୟକୁ ବ୍ରିଟିଶ ଶାସନର ରେଳ ନେଟୱର୍କ ସହ ଯୋଡିବାକୁ ଚ଼ାହୁଁଥିଲେ। ତାଙ୍କର ଗୋଟିଏ ସ୍ୱପ୍ନ ପୂରଣ ହୋଇଥିଲା। କିନ୍ତୁ ବିଭାଜନ କାରଣରୁ ଏହା ପୁଣି ଭାଙ୍ଗି ଯାଇଥିଲା। ଆଉ ଗୋଟିଏ ପ୍ରସ୍ତାବ କାଗଜପତ୍ରରେ ସୀମିତ ରହିଥିଲା। କିନ୍ତୁ ମହାରାଜଙ୍କ ତୃତୀୟ ରେଳ ରୁଟ ପ୍ରସ୍ତାବ, ଯାହା କିଛି ମାତ୍ରାରେ ଆରମ୍ଭ ହୋଇଥିଲା, ଏବେ ୧୪୧ ବର୍ଷରେ ତା'ହା ବାସ୍ତବ ରୂପ ନେଇଛି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚେନାବ ଓ ଅଞ୍ଜି ଖାଦ ବ୍ରିଜକୁ ଉଦଘାଟନ କରିଛନ୍ତି। ଦୀର୍ଘ ବର୍ଷ ଧରି କଶ୍ମୀର ରେଳ ଲାଇନ ଭାରତର ଜାତୀୟ ରେଳ ନେଟୱର୍କ ଠାରୁ ଦୂରେଇ ରହିଥିଲା। କିନ୍ତୁ ଚେନାବ-ଅଞ୍ଜି ଖାଦ ବ୍ରିଜର ଉଦଘାଟ ସହ ଏବେ ସବୁ କିଛି ପୂର୍ଣ୍ଣ ହୋଇଛି। ମହାରାଜଙ୍କ ଶହେ ବର୍ଷର ସ୍ୱପ୍ନ ସାକାର ହୋଇପାରିଛି। ମହାରାଜ ପ୍ରତାପ ସିଂହଙ୍କ ଅଣ ନାତି ତଥା ମହାରାଜ ହରି ସିଂହଙ୍କ ନାତୀ ବିକ୍ରମାଦିତ୍ୟ ସିଂହ କହିଛନ୍ତି, "ଏହି ରେଳ ଲାଇନ ପ୍ରକଳ୍ପ ପ୍ରଥମେ ମହାରାଜ ପ୍ରତାପ ସିଂହଙ୍କ ଶାସନ ସମୟରେ ପରିକଳ୍ପନା କରାଯାଇଥିଲା। ଏବେ ଏହା ବାସ୍ତବ ରୂପ ନେଇଛି। ଏହା କେବଳ ଜମ୍ମୁ-କଶ୍ମୀରର ଲୋକଙ୍କ ପାଇଁ ନୁହେଁ, ବରଂ ପୂରା ଦେଶ ପାଇଁ ଗର୍ବର ବିଷୟ। ଆମ ପ୍ରଧାନମନ୍ତ୍ରୀ ସମସ୍ତଙ୍କ ସ୍ୱପ୍ନକୁ ସାକାର କରିଛନ୍ତି।"ଏପରି ରେଳ ସଂଯୋଗ କଶ୍ମୀରରୁ କନ୍ୟାକୁମାରୀ ଟ୍ୟାଗକୁ ବାସ୍ତବ ରୂପ ମଧ୍ୟ ଦେଇଛି। ଭାରତର ଭୌଗଳିକ ସ୍ଥିତିକୁ ଦୃଷ୍ଟିରେ ରଖି ଏପରି ନାରା ଦିଆଯାଇଥାଏ। ଏବେ କଶ୍ମୀରରୁ କନ୍ୟାକୁମାରୀକୁ ରେଳ ସଂଯୋଗ ହୋଇପାରିଛି।

## ସରକାରଙ୍କ ବାହାସ୍ଫୋଟ ପର୍ଦ୍ଦାଫାସ କଲା ରାଜ୍ୟ ବ୍ୟବସାୟୀ ମହାସଂଘ



ନେଇ ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି ବ୍ୟବସାୟୀ ମହାସଂଘ। ରାଜ୍ୟ ଉତ୍ପାଦନ କ୍ଷେତ୍ରରେ ବହୁ ପଛରେ। କେବଳ ଶ୍ରେୟ ନେବାକୁ ଉଦ୍ୟମ ନକରି ସରକାର କାମ କରନ୍ତୁ ବୋଲି କହିଲା ମହାସଂଘ। ସବୁକିଛି କେବଳ କଥାରେ ଚ଼ାଲିଛି ବୋଲି ବଡ଼ ଅଭିଯୋଗ କରିଛି ମହାସଂଘ। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ସାଧାରଣ ଲୋକ ଓ ବ୍ୟବସାୟୀଙ୍କ ପ୍ରତି ସରକାରଙ୍କ ଅସୂୟା ମନୋଭାବ ଅଛି। ଯେଉଁଥିପାଇଁ ଯୋଜନା ବିଫଳ ହେଉଛି।କାହାକୁ ବିଶ୍ୱାସକୁ ନ ନେଇ ନିଜେ ନିଷ୍ପତ୍ତି ନେଲେ କିଛିବି ସଫଳ ହେବ ନାହିଁ ବୋଲି କହିଛନ୍ତି। ସରକାର ଲୋକଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ନିବେଦନ କରିଛି ବ୍ୟବସାୟୀ ମହାସଂଘ। କୃଷି ଉତ୍ପାଦନ କ୍ଷେତ୍ରରେ ଜାତୀୟ ହାରଠୁ ଓଡିଶା ବହୁତ ପଛରେ ରହିଛି। ବର୍ଷ ହେଲା ସରକାର କେବଳ ଲୋକଙ୍କୁ ଭୁଆଁ ବୁଲାଇ ଚ଼ାଲିଛନ୍ତି। ଏବେ ବି ସେହି କାମ ଜାରି ରହିଛି।ବର୍ଷ ସମୟ ଦେଇଥିବା ଓଡିଶାବାସୀ ଆଉ ମିଛକୁ ପ୍ରଶ୍ରୟ ଦେବେନି।

ସତ୍ୟମେବ ଜୟତେ



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

DADLS-25
15001/13/067/2526



ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା






## ଓଜନ ବୃଦ୍ଧି ଚିନ୍ତାରେ...



ଆପଣ ଯଦି ନିଜ ବୃଦ୍ଧି ପାଉଥିବା ଓଜନ ପାଇଁ ଚିନ୍ତିତ, ତେବେ କିଛି ସରଳ ଉପାୟ ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଦୂର ହେବ। ଏହି ଉପାୟ ଆପଣାଇବା ଦ୍ୱାରା ଏକ ମାସରେ ପ୍ରାୟ ୧୦ କେଜି ଓଜନ ହ୍ରାସ ହେବ।

ଏକ ଗ୍ଲାସ ପାଣିରେ ଏକ ଚାମଚ ସେଓ ସିରକା ଓ ଏକ ଚାମଚ ଲେମ୍ବୁ ରସ ମିଶାନ୍ତୁ। ଏହାକୁ ଜଳଖିଆ ପୂର୍ବରୁ ପିଅନ୍ତୁ।

ସକାଳର ଆରମ୍ଭ ପୁଦିନାପତ୍ର ଓ ପାନମଧୁରୀ ପାଣି ପିଇ ଆରମ୍ଭ କରନ୍ତୁ।

ସକାଳେ ଉଠିବା ପରେ ୩୦ ମିନିଟ୍ ନିଶ୍ଚୟ ବ୍ୟାୟାମ କରନ୍ତୁ।

ଜଳଖିଆରେ ୧ ପାତ୍ରରେ କ୍ଷୀର ସହ କର୍ଣ୍ଣଫ୍ଲେକ୍ସ, ଓଟସ୍ କିମ୍ବା ଦଲିଆ ଖାଆନ୍ତୁ।

ଖରାବେଳର ଖାଦ୍ୟରେ ୨ଟି ରୁଟି, ଯେକୌଣସି ପନିପରିବାର ତରକାରୀ, ଅଳ୍ପ ଡାଲି ଓ ଦହି ଖାଆନ୍ତୁ।

ସନ୍ଧ୍ୟା ସମୟରେ କ୍ଷୀର ଚା' ବଦଳରେ ଗ୍ରୀନ୍‌ଟି ପିଅନ୍ତୁ। ରାତି ଖାଦ୍ୟରେ ଅନ୍ୟ ଖାଦ୍ୟ ଅପେକ୍ଷା ସ୍ୱାସ୍ଥ୍ୟକର ସାଲାଡ୍ ଓ ଏକ ଗ୍ଲାସ କ୍ଷୀର ପିଅନ୍ତୁ। ସକାଳେ ଓ ରାତିରେ ଖାଇବା ପରେ ଅଳ୍ପ ସମୟ ଚାଲନ୍ତୁ। ପ୍ରତିଦିନ କ୍ୟାଲୋରୀ ପ୍ରତି ଧ୍ୟାନ ଦେବା ସହ ଏହାକୁ ୧୦୦୦-୧୫୦୦ କ୍ୟାଲୋରୀ ମଧ୍ୟରେ ରଖନ୍ତୁ।

## ଖରାରେ ପିଅନ୍ତୁ ବେଲ ସରବତ



ଖରାଦିନେ ଅଧିକାଂଶ ବେଲ ସରବତ କିମ୍ବା ଏହାର ଜୁସ୍ ପିଇବାକୁ ପସନ୍ଦ କରିଥାଆନ୍ତି। ଜାଣନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହାର ଉପକାରୀ ଗୁଣ ବିଷୟରେ..

ବେଲ ସରବତ କେବଳ ଶରୀରକୁ ଥଣ୍ଡା ରଖେ ତାହା ନୁହେଁ ବରଂ ଏହା ତୁରନ୍ତ ଶକ୍ତି ପ୍ରଦାନ କରିଥାଏ।

ବେଲ ସରବତ ପିଇବା ଦ୍ୱାରା ଶରୀରରେ ଜଳୀୟଅଂଶର ଅଭାବ ଦୂର ହୋଇଥାଏ।

ଖରାଦିନେ କିଛି ଲୋକଙ୍କ ନାକରୁ ରକ୍ତ ବାହାରିବା ସମସ୍ୟା ଦେଖାଯାଏ। ସେମାନେ ନିୟମିତ ବେଲ ସରବତ ପିଅନ୍ତୁ।

ପେଟ ଖରାପ ଥିଲେ ବେଲ ସରବତ ପିଇବା ଖୁବ ଉପକାରୀ।

ବେଲ ସରବତ ପିଇବା ଦ୍ୱାରା ପାଚନ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

ବେଲ ସରବତ ପିଇବା ଦ୍ୱାରା ଶରୀରରେ ହେଉଥିବା ବିଭିନ୍ନ ପ୍ରକାର ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ।

ବେଲ ସରବତ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ମଧ୍ୟ ଲାଭଦାୟକ।

ବେଲ ସରବତ ପିଇବା ଦ୍ୱାରା କୋଲେଷ୍ଟେରୋଲ୍ ସ୍ତର ନିୟନ୍ତ୍ରଣ ହୋଇ ରହିଥାଏ। ବେଲ ସରବତ ପିଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ।

ବେଲ ସରବତ ରକ୍ତ ପରିଷ୍କାର କରିବାରେ ସହାୟକ ହେବା ସହ ଏହା ହୃଦୟ ଜନିତ ରୋଗ ଓ କର୍କଟ ଭଳି ମାରାତ୍ମକ ରୋଗରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ।



## ଉଚ୍ଚତା ବୃଦ୍ଧି ପାଇଁ ପ୍ଲାଷ୍ଟିକ ସର୍ଜରି

ଲୋକମାନେ ନିଜ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ଲାଷ୍ଟିକ୍ ସର୍ଜରି କରିବା ଏବେ ଏକ ସାଧାରଣ କଥା ହୋଇଯାଇଛି। ବିଶେଷ କରି ନିଜ ରୂପକୁ ପୁଞ୍ଜି କରି ଜୀବିକା ଅର୍ଜନ କରୁଥିବା ମଡେଲ୍, ଅଭିନେତା ପ୍ରମୁଖ ଏଭଳି ଅସ୍ତ୍ରୋପଚାର କରୁଥିବା କାହାରିକୁ ଅଛପା ନାହିଁ। ତେବେ ସେମାନେ ଆଜିକାଲି ନିଜ ଉଚ୍ଚତା ବୃଦ୍ଧି ଲାଗି ଆଉ ଏକ ବ୍ୟୟବହୁଳ ତଥା ଭୀଷଣ କଷ୍ଟଦାୟକ ଅସ୍ତ୍ରୋପଚାର କରିବା ଆରମ୍ଭ କରିଛନ୍ତି। ୩୧ ବର୍ଷୀୟା ଜର୍ମାନ ମଡେଲ୍ ଥେରେସିଆ ଫିଚର୍ ସେମାନଙ୍କ ମଧ୍ୟରୁ ଜଣେ। ନିଜ ଉଚ୍ଚତାକୁ ନେଇ ସେ ଖୁବ୍ ଅସନ୍ତୁଷ୍ଟ ଥିଲେ। ସେଥିପାଇଁ ସେ ଅନେକ ଥଟ୍ଟାମଜାର ଶରବ୍ୟ ହେବା ପରେ ଉଚ୍ଚତା ବୃଦ୍ଧି ପାଇଁ ଅସ୍ତ୍ରୋପଚାର କରିବାକୁ ସ୍ଥିର କରିଥିଲେ। ଦୁଇଟି ଅସ୍ତ୍ରୋପଚାର ପରେ ତାଙ୍କ ଦୁଇ ଗୋଡ଼ରେ ଟେଲିସ୍କୋପିକ୍ ରଡ୍ ଖଞ୍ଜି ଦିଆଯାଇଥିଲା। ତିନି ମାସ ପରେ ତାଙ୍କ ଉଚ୍ଚତା ପୂର୍ବ ତୁଳନାରେ ୧୪ ସେସଟିମିଟର୍ ବୃଦ୍ଧି ପାଇ ଛଅ ଫୁଟ୍‌ରେ ପହଂଚିଛି। ଏଥିପାଇଁ ତାଙ୍କ ଆତ୍ମବିଶ୍ୱାସ ବଢ଼ିଛି ଏବଂ ତାଙ୍କୁ ଜଣେ ନୂଆ ବଏଫ୍ରେଣ୍ଡ୍ ମିଳିଛନ୍ତି। ଏହା ତାଙ୍କର ପ୍ରସିଦ୍ଧିକୁ ମଧ୍ୟ ବହୁଗୁଣିତ କରିଦେଇଛି। ଏବେ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ପ୍ରାୟ ଦେଢ଼ ଲକ୍ଷ ଅନୁଗାମୀ ହେଲେଣି। ଏଥିପାଇଁ ତାଙ୍କୁ କମ୍ ମୂଲ୍ୟ ଦେବାକୁ ପଡ଼ି ନାହିଁ। ଉଚ୍ଚତା ବୃଦ୍ଧି ଅସ୍ତ୍ରୋପଚାର ଓ ଆନୁଷଙ୍ଗିକ ଖର୍ଚ୍ଚ ମିଶି ସେ ପ୍ରାୟ ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ଉଚ୍ଚତା ବୃଦ୍ଧି ତାଙ୍କୁ ଅନେକ ଖୁସି ଓ ସନ୍ତୁଷ୍ଟି ଦେଇଛି ସତ, ହେଲେ ତାଙ୍କୁ ଏବେ ଅନ୍‌ଲାଇନ୍‌ରେ ଅନେକ ଲୋକ ବ୍ୟଙ୍ଗବିଦ୍ରୂପ କରୁଛନ୍ତି। ଯାହାର ଉଚ୍ଚତା ପୂର୍ବରୁ ୫ ଫୁଟ୍ ୭ ଇଂଚ ଥିଲା ସେ ଅସୁରକ୍ଷାବୋଧ କରିବାର କୌଣସି କାରଣ ନାହିଁ, ଏହା କେବଳ ତାଙ୍କ ବିକୃତ ମାନସିକତାର ଫଳଶ୍ରୁତି ବୋଲି କିଛି ଲୋକ ମନ୍ତବ୍ୟ ଦେଉଛନ୍ତି।

## ଧୈର୍ଯ୍ୟ ହିଁ ସଫଳତାର ମୂଳମନ୍ତ୍ର

ସବୁବେଳେ ନିଜର ଫିଲ୍ମକୁ ନେଇ ଚର୍ଚ୍ଚାରେ ରହୁଥିବା ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଏବେ ନିଜ ଉପଦେଶକୁ ନେଇ ଚର୍ଚ୍ଚାରେ ଅଛନ୍ତି। ବିବାହ ବନ୍ଧନ କିଭଳି ଅଧିକ ଦିନ ପର୍ଯ୍ୟନ୍ତ ମଜବୁତ ହୋଇ ରହିବ, ସେ ବିଷୟରେ ଜଣାଇଛନ୍ତି ଦୀପିକା। ଏକ ସାକ୍ଷାତକାରରେ ଦୀପିକା ସମସ୍ତଙ୍କ ଧୈର୍ଯ୍ୟ ରଖିବାକୁ କହିଥିବା ସାମ୍ନାକୁ ଆସିଛି। ଦୀପିକା ଓସ୍କାରରେ ନଜର ଆସି ଲୋକପ୍ରିୟତା ସାଉଁଟିଥିବା ବେଳେ ଏବେ ତାଙ୍କ ଫଟୋ ଟାଇମ୍ ପତ୍ରିକାର କଭରରେ ନଜର ଆସିଛି। ଏନେଇ ଟାଇମ୍ ପତ୍ରିକାକୁ ସାକ୍ଷାତକାର ଦେଇ ଦୀପିକା ନିଜ ବ୍ୟକ୍ତିଗତ ଓ ପେସାଦାର ଜୀବନ ବିଷୟରେ ଅନେକ କଥା ସେୟାର କରିଛନ୍ତି। ସଫଳ ବୈବାହିକ ଜୀବନ ବା ବିବାହକୁ ଦୀର୍ଘସ୍ଥାୟୀ କରିବାକୁ ଧୈର୍ଯ୍ୟ ଜରୁରୀ ବୋଲି କହିଛନ୍ତି ଦୀପିକା। ସେ କହିଛନ୍ତି, "ମୁଁ ଭାବୁଛି ଆମେ ସମସ୍ତେ ଫିଲ୍ମ ଦ୍ୱାରା ପ୍ରଭାବିତ ହୋଇ କିମ୍ବା ଆମ ସମ୍ପର୍କ ଓ ଆମ ଚାରିପାଖରେ ଥିବା ଦମ୍ପତିଙ୍କ ସମ୍ପର୍କ ଦ୍ୱାରା ପ୍ରଭାବିତ ହୋଇ ବଢ଼ିଛେ। ସେଥିପାଇଁ ଆମେ ନିଜ ସମ୍ପର୍କକୁ ଅନ୍ୟ ସହ ତୁଳନା କରିଥାଏ। ହେଲେ ଏହା ଭୁଲ। କେବେ ବି ନିଜର ବୈବାହିକ ସମ୍ପର୍କକୁ ଅନ୍ୟ କାହା ବେବାହିକ ସମ୍ପର୍କ ସହ ତୁଳନା କରିବେ ନାହିଁ। ସମସ୍ତଙ୍କ ଯାତ୍ରା ଭିନ୍ନ। ଯେତେ ଶୀଘ୍ର ଆମେ ଏହା ଗ୍ରହଣ କରିବା ସେତେ ଭଲ। ଆମେ ଆମ ମାତାପିତାଙ୍କ ସମ୍ପର୍କରୁ ଧୈଯ୍ୟ ଶିଖିବା ଜରୁରୀ। ଏବେକାର ଦମ୍ପତିଙ୍କ ମଧ୍ୟରେ ଧୈଯ୍ୟର ଅଭାବ ରହିଛି। ମୁଁ ଭାବୁଛି ଆମ ପରି ଦମ୍ପତି ବା ଆମ ପିଢ଼ିର ଦମ୍ପତି ଆମ ପୂର୍ବ ପିଢ଼ିରୁ ଧୈଯ୍ୟ ଶିଖିବା ଉଚିତ୍।"



## ଆଇଟମ୍ ଗୀତ ପାଇଁ ୫୦ ଲକ୍ଷ



ବଲିଉଡ ଏବଂ ସାଉଥ୍ ଅଭିନେତ୍ରୀ ତମନ୍ନା ଭାଟିଆ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ଅଭିନେତ୍ରୀଙ୍କ ସନ୍ଦୁରତା ପାଇଁ ସଭିଏଁ ଦିୱାନା। ତମନ୍ନା ବର୍ତମାନ ସ୍ୱିଜର ଲ୍ୟାଣ୍ଡରେ ତାଙ୍କର ଆଗାମୀ ଚଳଚ୍ଚିତ୍ର "ଭୋଲା ଶଙ୍କର" ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତମନ୍ନା ଜଣେ ଅଭିନେତ୍ରୀ ହେବା ସହ ସୁନ୍ଦର ଡ୍ୟାନ୍ସର। କିନ୍ତୁ ଜାଣିଛନ୍ତି କି ସେ ଗୋଟିଏ ଆଇଟମ୍ ଗୀତ ପାଇଁ କେତେ ଚାର୍ଜ କରନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ ଅନିଲ ରବିପୁଦିଙ୍କ ନିର୍ଦ୍ଦେଶିତ ତଥା ନନ୍ଦାମୁରୀ ବାଲକ୍ରିଷ୍ଣାଙ୍କ ଅଭିନୀତ ଫିଲ୍ମ ଏନ୍‌ବିକେ ୧୦୮ ରେ ତମନ୍ନା ଏକ ବିଶେଷ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ତମନ୍ନା ଏକ ଆକର୍ଷଣୀୟ ଆଇଟମ୍ ଗୀତ କରିବାକୁ ରାଜି ହୋଇଛନ୍ତି, ଯେଉଁଥିପାଇଁ ସେ ୫୦,୦୦,୦୦୦ ଟଙ୍କା ମୂଲ୍ୟର ଫି ମାଗିଛନ୍ତି। ଏହା ବ୍ୟତୀତ ତମନ୍ନା ବର୍ତ୍ତମାନ ନିର୍ଦ୍ଦେଶକ ନେସଲନ ଦିଲୀପ କୁମାରଙ୍କ ଅଭିନୀତ "ଜେଲର" ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ପ୍ରଶଂସକଙ୍କ ସହ ନିଜର ଉତ୍ସାହ ବାଂଟି ସେ କିମ୍ବଦନ୍ତୀ ଅଭିନେତା ରଜନୀକାନ୍ତ ଏବଂ ମୋହନଲାଲଙ୍କ ସହ ଇନଷ୍ଟାଗ୍ରାମରେ ଫିଲ୍ମର ପ୍ରଥମ ଲୁକ୍ ସେୟାର କରିଥିଲେ।

## 'ଶାହାରୁଖଙ୍କ ପାର୍ଟିକୁ ନା'

ବଲିଉଡ ଅଭିନେତା ତଥା ସିରିଏଲ କିସର ନାମରେ ଜଣାଶୁଣା। ବର୍ତମାନ 'ଟାଇଗର-୩' 'ପାଇଁ ଇମ୍ରାନ ଚର୍ଚ୍ଚାରେ ଅଛନ୍ତି। ଏହି ଚଳଚ୍ଚିତ୍ରରେ ଭିଲେନ ଭୂମିକାରେ ଅଭିନୟ କରିଛନ୍ତି। ଯାହାର କାମ ଦର୍ଶକ ପ୍ରକୃତରେ ପସନ୍ଦ କରୁଛନ୍ତି। ଏହି ସମୟରେ ଅଭିନେତା ବଲିଉଡ କିଙ୍ଗ ଶାହରୁଖ ଖାନଙ୍କ ଜନ୍ମଦିନ ପାର୍ଟୀ ବିଷୟରେ ଏକ ବଡ଼ ଖୁଲାସା କରିଥିଲେ। ଏବଂ କହିଥିଲେ ଯେ ସେ ଏହି ପାର୍ଟିରେ ବିଲକୁଲ ମଜା ଆସିଲା ନାହିଁ। ଅଭିନେତାଙ୍କ ଠାରୁ ଏହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ୨ ନଭେମ୍ବରରେ ଏକ ଗ୍ରାଣ୍ଡ ପାର୍ଟି ଆୟୋଜନ କରିଥିଲେ ଶାହାରୁଖ। ତାଙ୍କର ୫୬ ତମ ଜନ୍ମଦିନ ସେଲିବ୍ରେଟ୍ କରିଛନ୍ତି। ଅଭିନେତାଙ୍କ ପାର୍ଟିରେ ବହୁ ବଡ ସେଲିବ୍ରିଟ୍ ଯୋଗ ଦେଇଥିଲେ। ସେଥିମଧ୍ୟରୁ ସାମିଲ ଥିଲେ ଇମ୍ରାନ୍ ହାଶମୀ। ଏକ ସାକ୍ଷାତକାରରେ ଇମ୍ରାନ କହିଛନ୍ତି, "ମୁଁ ସେହି ପାର୍ଟିରେ କେବଳ ୧୨ଟା ପର୍ଯ୍ୟନ୍ତ ରହିଥିଲି। କାରଣ ମୁଁ ସକାଳ ୬:୩୦ ବା ୭ ସୁଦ୍ଧା ଉଠେ। ମୁଁ ପାର୍ଟି ଅନିମଲ ନୁହେଁ କିମ୍ବା ମୁଁ ମଦ୍ୟପାନ କରେ ନାହିଁ। ଏହା ହେଉଛି ସବୁଠାରୁ ବଡ ସମସ୍ୟା।" ଇମ୍ରାନ ଆହୁରି କହିଛନ୍ତି, "ମୁଁ ଫିଲ୍ମର ସ୍ୱତନ୍ତ୍ର ସ୍କ୍ରିନିଂକୁ ମଧ୍ୟ ଯାଏ ନାହିଁ। କାରଣ ଯଦି ତୁମେ ସେଠାକୁ ଯାଅ, ତେବେ ତୁମେ ବାହାରକୁ ଆସି ଫିଲ୍ମର ପ୍ରଶଂସା କରିବାକୁ ବାଧ ... ଏବଂ ଯଦି ମୋତେ ଫିଲ୍ମକୁ ପସନ୍ଦ ଆସି ନାହିଁ, ତେବେ ମୁଁ ଏହାକୁ ପ୍ରଶଂସା କରିପାରିବି ନୁହେଁ।






## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା – ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଞ୍ଜି କିମ୍ବା ଚାରା ଗୁଡ଼ିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା,



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

# ବିନା ମାଟିରେ ଚାଷ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା–ବିଶ୍ୱଜିତ ମଲ୍ଲିକ*





ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା – କଂକ୍ରିଟ , କାଚ , କାଠ ଇତ୍ୟାଦି..
ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୂର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକଙ୍କୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି– ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।
ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା– ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଳେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ଼ାହିଦା ମଧ୍ୟ ରହିଛି ଏଣୁ ଜଳ ସେଚ଼ନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ଼ାଷ କଲେ ଚ଼ାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।
ସର୍ବ ପ୍ରଥମେ ଚ଼ାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ଼ାଷ କରୁଥିଲେ ସର୍ବଦା ବଜାର ଚ଼ାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ଼ାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ଼ାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚ଼ାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ଼ୟନ ଏବଂ ଖାଦ୍ୟ ସାର ପରିଚ଼ାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚ଼ାଳନା କଲେ ଚ଼ାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ଼ୟନ**

ଗାଁ ଗହଳି ରେ ଚ଼ାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚ଼ାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ଼ୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ଼ାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ଼ାଷକରି ଅନାବନା ଘାସ ବାଚ଼ିଛି ୩ ରୁ ୪ ଫୁଟ ଚ଼ଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା, ୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ଼ାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ଼ିତ ।



**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜୋଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।
ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ – ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ଼ୟନ କରିବା ଆବଶ୍ୟକ।
୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :– ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା
୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୂତ୍ରକୃମି ଜନିତ ଝାଉଁଳା ରୋଗ :–ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ଼ାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା
୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :– ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ଲୋକପ୍ରତିନିଧି ଓ ରେସନ୍ କାର୍ଡ଼



କର୍ପୋରେଟର୍, କାଉନ୍‌ସିଲର୍, ସରପଞ୍ଚ ଓ ୱାର୍ଡ଼ମେମ୍ବରଙ୍କ ଭଳି ଲୋକପ୍ରତିନିଧି ଯେ ରେସନ୍ କାର୍ଡ଼ ଗ୍ରହଣ କରିବା ଏକ ଅପରାଧ, ଏହା ସବୁବେଳେ ଠିକ୍ ନୁହେଁ। ସମସ୍ତେ ଜାଣନ୍ତି ଯେ, ଅଧିକାଂଶ ଲୋକପ୍ରତିନିଧିଙ୍କର ନିର୍ଦ୍ଦିଷ୍ଟ ଆୟ ନାହିଁ। ରାଜନୀତିକୁ ଏକ ବେପାର ଭାବେ ଗ୍ରହଣ କରି ହାତ ସଫେଇ ଦ୍ୱାରା ସେମାନେ ଯାହା ରୋଜଗାର କରିଥାନ୍ତି, ସେଭଳି ଆୟର କୌଣସି ଅଗମୂଳ ନଥାଏ। ତେଣୁ ତାହାକୁ ଏକ ନିର୍ଦ୍ଦିଷ୍ଟ ରୋଜଗାର ପନ୍ଥା ବୋଲି ଧରି ନିଆଯିବା ଠିକ୍ ନୁହେଁ। ଏହାଛଡ଼ା ଆମ ରାଜ୍ୟରେ ଜାତି, ଜନଜାତି ଓ ମହିଳା କୋଟାରେ ନିର୍ବାଚିତ ଲୋକପ୍ରତିନିଧି ମାନେ ଉଚ୍ଚବର୍ଗର କ୍ଷମତାଶାଳୀ ଲୋକଙ୍କର ଡ଼ମି ରୂପେ କାର୍ଯ୍ୟ କରନ୍ତି ଓ ସେମାନଙ୍କ ଇଙ୍ଗିତରେ ଉଠ୍ ବସ୍ ହୁଅନ୍ତି। ଏଭଳି ଲୋକପ୍ରତିନିଧିଙ୍କର ଆର୍ଥିକ ଅବସ୍ଥା ଆହୁରି ଦୟନୀୟ। ଅନ୍ୟପକ୍ଷରେ ଲୋକପ୍ରତିନିଧିତ୍ୱ ଏକ ସ୍ଥାୟୀ ପଦବୀ ନୁହେଁ। କେତେବେଳେ ଯେ ପଦବୀ ଖସି ଯିବ, କହିହେବ ନାହିଁ। ବିଧାୟକ ଓ ସାଂସଦଙ୍କ ଭଳି ଦରମା ଓ ପେନସନ୍ ନାହିଁ। ଗାଁଗହଳରେ ଏଭଳି ଲୋକପ୍ରତିନିଧିଙ୍କର ଆର୍ଥିକ ଅବସ୍ଥା ଏତେ ଖରାପ ଯେ ସେମାନଙ୍କ ପାଇଁ ରେସନ୍ କାର୍ଡ଼ ପାଇବା ଅତି ଜରୁରୀ।

ମୁଁ ରହୁଥିବା ଉମରକୋଟ୍ ପୌରାଞ୍ଚଳରେ ଭଗବାନ୍ ବାଗ୍ ନାମକ ଜଣେ କାଉନ୍‌ସିଲର ଥିଲେ। ସେ ଅନୁସୂଚିତ ଜାତି ବର୍ଗ କୋଟାରେ ନିର୍ବାଚିତ ହୋଇଥିଲେ। ସ୍ୱଳ୍ପ ଶିକ୍ଷିତ ଏହି ଲୋକପ୍ରତିନିଧି ଖୁବ୍ ଭଦ୍ର ଓ ମେଳାପୀ ଥିଲେ। ସେ ଭୂମିହୀନ ବ୍ୟକ୍ତି ଥିଲେ ଓ ଏକ ସରକାରୀ ଜାଗାରେ କୁଡ଼ିଆଟିଏ କରି ରହୁଥିଲେ। ଆଦିବାସୀ ଅଞ୍ଚଳରେ ଅଧିକାଂଶ ୪ର୍ଥ ଶ୍ରେଣୀ କର୍ମଚାରୀ ଆଦୌ କାମ କରନ୍ତି ନାହିଁ। ଦିନରାତି ମଦ ପିଇ ଜୁଆ ଖେଳି ସମୟ ବିତାନ୍ତି। ସେମାନଙ୍କୁ ଶାସନ କରିବା ଅଧିକାରୀଙ୍କ ପକ୍ଷରେ ଅସମ୍ଭବ। ଦରମା ବନ୍ଦ କଲେ କିମ୍ବା କୈଫିୟତ ମାଗିଲେ, ମଦ ପିଇ ଘରେ ଆସି ଗଣ୍ଡଗୋଳ କରନ୍ତି। ତାଙ୍କ ପକ୍ଷ ନେଇ ନେତା ମାନେ ମଧ୍ୟ ବାହାରି ପଡ଼ନ୍ତି। ତେଣୁ ଏହି ଅଞ୍ଚଳରେ ଏକ ଅଲିଖିତ ନିୟମ ଅନୁସାରେ କାମ କରୁନଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ମାନେ ତାଙ୍କ ବଦଳରେ ଜଣେ ଡ଼ମିକୁ ନିଯୁକ୍ତି ଦିଅନ୍ତି। ତା' ଦ୍ୱାରା ସରକାରୀ କାମ କରାନ୍ତି। ବିଚରା ଶିକ୍ଷିତ ଯୁବକଟାଏ ଭୋକ ବିକଳରେ ୪୦୦/୫୦୦ ଟଙ୍କାରେ ମାସ ସାରା କାମ କରିଥାଏ। ଆଉ ତାକୁ ଠିକା ନିଯୁକ୍ତି ଦେଇଥିବା ୪ର୍ଥ ଶ୍ରେଣୀ କର୍ମଚାରୀର ମାସକୁ ୨୦/୨୫ ହଜାର ଟଙ୍କା ଦରମା। ଏଥିରୁ ସାମାନ୍ୟ କିଛି ଦେଇ ତା' ଡ୍ୟୁଟୀ ସୁରୁଖୁରୁରେ ହୋଇଯାଏ। ଅଧିକାରୀମାନେ ମଧ୍ୟ ଶାନ୍ତିରେ ନିଃଶ୍ୱାସ ମାରନ୍ତି। ବିଚରା ଭଗବାନ୍ ବାଗ୍ ସେହିଭଳି କାମ କରି ମାସିକ ୫୦୦ ଟଙ୍କା ରୋଜଗାର କରୁଥିଲା। କିଛିଦିନ ପରେ ରୋଗରେ ପଡ଼ି ଅତି ଦୁର୍ଦ୍ଦିନରେ ତାର ଆକସ୍ମିକ ମୃତ୍ୟୁ ହୋଇଗଲା।

ଅତଏବ ଲୋକପ୍ରତିନିଧିମାନେ ରେସନ୍ କାର୍ଡ଼ ନେଲେ ବୋଲି ଯେଉଁ ହଙ୍ଗାମା ସୃଷ୍ଟି ହେଉଛି, ତାହାର ବାସ୍ତବ ଭିତ୍ତିଭୂମି କିଛି ନାହିଁ। ଲୋକପ୍ରତିନିଧି ହୋଇଗଲେ ଯେ ଜଣେ ଧନୀ ହୋଇଯିବ, ଏହା ଭାବିବା ଭୁଲ୍। ଅଧିକାଂଶ ଲୋକପ୍ରତିନିଧି କ୍ଷମତାରୁ ଗଲା ପରେ ମାଗିଯାଚି କିମ୍ବା ଧମକାଇ କିଭଳି ଚଳନ୍ତି, ତାହା ସମସ୍ତେ ଜାଣନ୍ତି। ଏଣୁ ସେମାନଙ୍କୁ ଧର, ବାନ୍ଧ ବୋଲି ଯେଉଁ ରଡ଼ି ଶୁଭୁଛି, ତାହା ଏକ ସାମାଜିକ ଅସହିଷ୍ଣୁତାର ପରିପ୍ରକାଶ। ଯେଉଁ ମାପକାଠି ଆଧାରରେ ରେସନ୍ କାର୍ଡ଼ ଚୟନ ପାଇଁ ସ୍ଥିର କରାଯାଇଛି, ତାହା ସଂପୂର୍ଣ୍ଣ ଭ୍ରମାତ୍ମକ ମନେହେଉଛି। ଜଣଙ୍କର ୩ବଖରା ଘର ଓ ଗାଡ଼ିଟିଏ ଥିଲେ, ତାକୁ ଧନୀ କୁହାଯିବା ଠିକ୍ ନୁହେଁ। ବରଂ ଲୋକଙ୍କର ଭବିଷ୍ୟତ ଅବସ୍ଥା, ସ୍ଥାବର ଅସ୍ଥାବର ସଂପତ୍ତିର ପରିମାଣ, ସାମାଜିକ ବୋଝର ପରିମାଣ ଆଦିକୁ ବିଚାରକୁ ନିଆଯିବା ଅତ୍ୟନ୍ତ ଜରୁରୀ। ତେଣୁ ଯେଉଁ ଲୋକଟି ରେସନ୍ କାର୍ଡ଼ ପାଇଛି, ତାକୁ କେବଳ ଖାମଖିଆଲ ଭାବେ କାଟି ଦେବା ଉଚିତ ନୁହେଁ। ଯଦିଓ ରେସନ୍ କାର୍ଡ଼ର ମାପକାଠି ଓ ବ୍ୟକ୍ତିର ଅବସ୍ଥାକୁ ବିଚାରକୁ ନେଇ ନିରପେକ୍ଷ ଭାବେ ଚୟନ କରାଯାଇଥାନ୍ତା, ଏଭଳି ହୋହଲ୍ଲା ହୋଇ ନଥାନ୍ତା।

**–ଡାକ୍ତର ସୁରେନ୍ଦ୍ରନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ୍,*
*ମୋ।–୯୪୩୭୨୩୫୩୮୬*

# ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କୃଷିବୀମା ନ ମିଳିଲେ ବୀମା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରିବ କିଷାନ କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପୂର୍ବରୁ ରାଷ୍ଟ୍ରୀୟ କୃଷି ବୀମା ଯୋଜନା ମାଧ୍ୟମରେ ବୀମା କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରାଯାଉଥିଲା। ଫଳରେ ଚାଷୀ ସହଜରେ ବୀମା କ୍ଷତି ପୂରଣ ପାଇପାରୁ ଥିଲେ। କିନ୍ତୁ ୨୦୧୬ ଖରିଫ୍‌ଠାରୁ ଦେଶରେ ମୋଦୀ ସରକାରର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରାଯିବା ଫଳରେ ଏଥିରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ହାତ ଗଣତି କେତୋଟି ଘରୋଇ ବୀମା କମ୍ପାନୀ ଓ ସରକାରଙ୍କ ମଧୁ ଚନ୍ଦ୍ରିକାରେ ସରକାର ଓ କମ୍ପାନୀମାନେ ମାଲାମାଲ ହେଉଛନ୍ତି। ଲକ୍ଷ ଲକ୍ଷ ଚାଷୀ ଠିକଣା ସମୟରେ ବୀମା ପ୍ରିମିୟମ ପଇଠ କରି ଏବେ ବୀମା ସହାୟତା ପାଇବାରୁ ବଞ୍ଚିତ। ୨୦୨୧ ଖରିଫ୍ ଋତୁରେ ବଲାଙ୍ଗିର ଜିଲ୍ଲାର ୮୦ଟି ଗ୍ରାମ ପଞ୍ଚାୟତର ଚାଷୀ କୃଷି ବୀମା କରିଥିଲେ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ ଏବେ ସୁଦ୍ଧା କ୍ଷତି ପୂରଣ ଦିଆ ଯାଇନାହିଁ। କିଷାନ କଂଗ୍ରେସ ସମେତ ବହୁ ଚାଷୀ ସଂଗଠନ ତୁରନ୍ତ ବୀମା ଅର୍ଥ ପ୍ରଦାନ କରିବାକୁ ବାରମ୍ବାର ଦାବୀ କରି ଆସୁଥିବା ବେଳେ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାର ଚାଷୀଙ୍କୁ ପ୍ରତାରିତ କରି ଚାଲିଛନ୍ତି। ୨୦୨୧ ବର୍ଷରେ ଫସଲ କ୍ଷତିଗ୍ରସ୍ତ ଲାଗି ୧୩୬୦କୋଟି ଟଙ୍କାର ବୀମା ସହାୟତା ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ଯୋଗାଇଦେବାର ଥିଲା। କିନ୍ତୁ ଚାଷୀଙ୍କୁ ୯୪୦ କୋଟି ଟଙ୍କା ବୀମା ରାଶି ବଣ୍ଟନ କରାଯାଇ ଆଉ ଅବଶିଷ୍ଟାଂଶ ଟଙ୍କା ବୀମା କମ୍ପାନୀ ଚାଷୀଙ୍କୁ ଗତ ଏପ୍ରିଲ ମାସ ସୁଦ୍ଧା ପ୍ରଦାନ କରିବା କଥା। ବର୍ତ୍ତମାନ ଆଉ ପ୍ରାୟ ୪୨୦ କୋଟି ଟଙ୍କା ବୀମା ସହାୟତା ରାଶି ଚାଷୀଙ୍କୁ ପ୍ରଦାନ କରା ନ ଯିବା ଏକ କ୍ଷୋଭର ବିଷୟ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଉଭୟ ସରକାରଙ୍କ ଚାଷୀମାରଣ ନୀତିର ତୀବ୍ର ନିନ୍ଦା କରିଛନ୍ତି। ସରକାର ଏବେ ରକ୍ଷକ ହୋଇ ଭକ୍ଷକ ସାଜିଛନ୍ତି। ଯଦି ଆସନ୍ତା ୧୫ ଦିନ ମଧ୍ୟରେ ବଲାଙ୍ଗିର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ଫସଲ କ୍ଷତିଗ୍ରସ୍ତ ଏପରି ଚାଷୀଙ୍କୁ ବୀମା କ୍ଷତିପୂରଣ ରାଶି ପ୍ରଦାନ ନ କରନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁଯାୟୀ ସଂପୃକ୍ତ ବୀମା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଧାରଣ, ବିକ୍ଷୋଭ ଓ ପ୍ରତିବାଦ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ୧ କୋଟି ଟଙ୍କାର ବ୍ରାଉନ ସୁଗାର ଜବତ

ବାଲେଶ୍ୱର (ପିଏନ୍)-ସ୍ଥାନୀୟ ପୁଲିସ ସହାୟତାରେ ଏସଟିଏଫ ଟିମ୍ ବାଲେଶ୍ୱର ରେଳ ଷ୍ଟେସନ ନିକଟରେ ଚଢ଼ଉ କରି ୧ କେ.ଜି. ୬୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି। ଜବତ ବ୍ରାଉନସୁଗାର ର ମୁଲ୍ୟ ୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଚଛି। ଏହି ଘଟଣାରେ ଏସଟିଏଫ ୨ ଜଣଙ୍କୁ ଗିରଫ କରିଛି। ଏହି ଦୁଇ ବ୍ରାଉନସୁଗାର ମାଫିଆ ହେଲେ ଏସ କେ. ରାଜୁ ଓ ଅମଜାଦ ଖାନ। ରାଜୁର ଘର ବାଲେଶ୍ୱର ସହରର ଆଜିମାବାଦ ଅଞ୍ଚଳରେ ହୋଇଥିବା ବେଳେ ଅମଜାଦର ଘର ସହଦେବଖୁଣ୍ଟା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଉଭୟ ଅଭିଯୁକ୍ତ ଓ ଅନ୍ୟାନ୍ୟ ଅପରାଧୀକ ସାମଗ୍ରୀ ଜବତ କରାଯାଇଥିବା ବେଳେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ମାନସିକ ରୋଗ ଓ ରୋଗୀ



ଗୁଡ଼ାଏ କଥାକୁ ମନରେ ଚାପିଧରିବା ଏବଂ ସବୁବେଳେ ଚିନ୍ତାରେ ରହିବା ମାନସିକ ରୋଗର କାରଣ ହୁଏ। ମାନସିକ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ପ୍ରତି ୪ଜଣ ଭାରତୀୟଙ୍କ ମଧ୍ୟରୁ ଜଣେ ସେମାନଙ୍କ ଜୀବନକାଳ ମଧ୍ୟରେ କେବେ ନା କେବେ କିଛି ପରିମାଣରେ ମାନସିକ ରୋଗାକ୍ରାନ୍ତ ହେଉଛନ୍ତି। ପରିବାରରେ ଅଶାନ୍ତି, ଚାକିରି ଚାପ ଏବଂ ପ୍ରତିଯୋଗିତାପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଅନେକଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଉଛି। ଏକ ପରିସଂଖ୍ୟାନରୁ ଜଣାଯାଏ ଭାରତରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ମଧ୍ୟରୁ ୧-୨ ପ୍ରତିଶତ ବ୍ୟକ୍ତିବିଶେଷ ସାଂଘାତିକ ମାନସିକ ରୋଗର ଶିକାର ହେଉଛନ୍ତି ଏବଂ ୫ ପ୍ରତିଶତ ଟିକେ କମ୍ ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାଖାପାଖି ୨ କୋଟି ଲୋକ ମାନସିକ ରୋଗରେ ପୀଡ଼ିତ। ଏଥିପାଇଁ ୩,୫୦୦ ଜଣ ମନସ୍ତତ୍ତ୍ୱବିତ୍ ଅଛନ୍ତି ଏବଂ ୧୫୦୦ ମନସ୍ତତ୍ତ୍ୱ ନର୍ସ ଅଛନ୍ତି।



ଭାରତରେ ସହରାଞ୍ଚଳରେ ଅଧିକାଂଶ ଲୋକ ମାନସିକ ରୋଗଗ୍ରସ୍ତ ଏବଂ ଉଦ୍‌ବେଗ ଓ ବିଷାଦର ଚିକିତ୍ସା କରୁଛନ୍ତି। ଅନେକଗୁଡ଼ିଏ ପରିସଂଖ୍ୟାନରୁ ଜଣାଯାଇଛି ପାଖାପାଖି ୨୦-୨୫ ପ୍ରତିଶତ ଲୋକ ରାଗ, ବିଷାଦ ଏବଂ ଚାପକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରାରମ୍ଭିକ ଚିକିତ୍ସା ପର୍ଯ୍ୟାୟରେ ରହୁଛନ୍ତି। ତେବେ ମାନସିକ ରୋଗୀଙ୍କ ସଂଖ୍ୟା ଏତେମାତ୍ରାରେ ବୃଦ୍ଧି ପାଇବାର କାରଣ କ'ଣ ପ୍ରକୃତରେ ଜଣା ପଡୁନଥିବା ବେଳେ ଆଶଙ୍କା କରାଯାଉଛି ଏହା ବଂଶାନୁକ୍ରମିକ ହୋଇପାରେ କିମ୍ବା ପ୍ରଦୂଷିତ ପରିବେଶ ବି ଏହାର କାରଣ ହୋଇପାରେ। ମାନସିକ ରୋଗ ବୃଦ୍ଧି ପାଇବାର ପ୍ରଧାନ କାରଣ ହେଉଛି ଚାକିରି ବୋଝ, ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଶିକ୍ଷା ଏବଂ ପ୍ରେମ ବ୍ୟାପାରକୁ ନେଇ ବିଭାଗ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧି ପାଉଛି। ସୋସିଆଲ ମିଡ଼ିଆ ଫେସବୁକ୍‌କୁ ମଧ୍ୟ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧିର ଅନ୍ୟ ଏକ କାରଣ ବୋଲି ବିବେଚନା କରାଯାଇପାରେ। ନିଜର ଓଜନ କେତେ ତାହା ସେମାନେ ସେମାନଙ୍କ ଫେସବୁକ୍‌ରେ ଆଡ୍ କରିଥିବା ଫଟୋରେ କେତେ ଲାଇକ୍ ଆସୁଛି ସେଥିରୁ ଜାଣିପାରୁଛନ୍ତି। ଯଦି ଲାଇକ ଅଧିକ ଆସୁଛି ତେବେ ଏହା ସେମାନଙ୍କ ମାନସିକ ସ୍ଥିତି ଉପରେ ଖୁବ୍ ଭଲ ପ୍ରଭାବ ପକାଉଛି କିନ୍ତୁ ଲାଇକ୍ ଯଦି କମ୍ ଆସୁଛି ତେବେ କିଛି ମଣିଷ କ୍ରୋଧାନ୍ୱିତ ହୋଇଯାଉଛନ୍ତି ଏବଂ ମନେ ମନେ ଖୁବ୍ ଚିନ୍ତା କରୁଛନ୍ତି ଏବଂ ଅଯଥାରେ ଭାବି ହେଉଛନ୍ତି ସେମାନଙ୍କୁ କେହି ଖାତିର କରୁନାହାନ୍ତି। ତେବେ ସମସ୍ୟା ସେହି କ୍ଷେତ୍ରରେ ବେଶୀ ରହିବ ଯେଉଁ କ୍ଷେତ୍ରରେ ଜଣେ ଅଧିକ ପ୍ରଶଂସା ପାଇବାର ଆଶା ରଖିଥିବେ କିନ୍ତୁ ପାଉନଥିବେ। ତିନୋଟି ଦିଗରୁ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧି ପାଏ। ଗୋଟିଏ ବାୟୋଲୋଜିକାଲ, ଆଉ ଗୋଟିଏ ସାଇକୋଲୋଜିକାଲ ଏବଂ ଅନ୍ୟଟି ସୋସିଆଲ। ମାନସିକ ଦୃଷ୍ଟିକୋଣରୁ ଏହା ଆରମ୍ଭ ହୋଇଥାଏ ଅତ୍ୟଧିକ ଚାପ ହେତୁ। ଦିନକୁ ଦିନ ଚାପ ବୃଦ୍ଧି ପାଇଲେ ମଣିଷ ଏହାକୁ ନିୟନ୍ତ୍ରଣ ନକରିପାରି ମାନସିକ ଭାରସାମ୍ୟ ହରାଇବସେ। ଯଦି ବାୟୋଲୋଜିକାଲ ଦୃଷ୍ଟିକୋଣରୁ ବିଚାର କରାଯାଏ ତେବେ ମସ୍ତିଷ୍କରେ ଥିବା ୩ଟି ନ୍ୟୁରୋଟ୍ରାନ୍ସମିଟର ତଥା ନୋରପାଇନ୍‌ଫ୍ରାଇନ୍, ସେରୋଟୋନିନ୍ ଏବଂ ଡୋପାମାଇନ ଯଦି ସନ୍ତୁଳିତ ଉପାୟରେ କାର୍ଯ୍ୟ ନକରନ୍ତି ତେବେ ଏହା ରାଗ ଏବଂ ଚାପ ପରି ସମସ୍ୟା ସୃଷ୍ଟି କରିପାରେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ପାଖାପାଖି ୭୦-୮୦ ପ୍ରକାରର ରୋଗ ରହିଛି। ତେବେ ମାନସିକ ରୋଗ ସଂଖ୍ୟା ସେଥିମଧ୍ୟରୁ ୩ ପ୍ରତିଶତ। ଏଥିରେ ରହିଛି ୪, ୫ଟି ଜଟିଳ ରୋଗ ସମସ୍ୟା। ଏଥିମଧ୍ୟରେ ରହିଛି ଡିମେନସିଆ, ସିଜୋଫ୍ରେନିଆ, ବାଇପୋଲର ଡିଜଅର୍ଡ଼ର। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟରୁ ଏହା ମଧ୍ୟ ଜଣାଯାଇଛି ଯେ, ଭାରତରେ ୨୫ ପ୍ରତିଶତଙ୍କ କ୍ଷେତ୍ରରେ ଏହି ମାନସିକ ରୋଗ ସାରା ଜୀବନ ସମସ୍ୟା ସୃଷ୍ଟି କରେ। ଯେତେ ଚିକିତ୍ସା କରାଗଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭଲ ହୁଏନା। ମହିଳା ଏବଂ ଶିଶୁଙ୍କ କ୍ଷେତ୍ରରେ ଏହିମାନସିକ ରୋଗ ଏତେ ମାରାତ୍ମକ ହୋଇଯାଉଛି ଯେ, ଏହାକୁ ସମ୍ଭାଳିବା ମନସ୍ତତ୍ତ୍ୱବିତ୍‌ଙ୍କ ପକ୍ଷରେ କଷ୍ଟକର ହୋଇଯାଉଛି। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ମାନସିକ ରୋଗାକ୍ରାନ୍ତ ହେଉଛନ୍ତି। ନିକଟରେ ଏକ ପରିସଂଖ୍ୟାନର ଚିତ୍ରରୁ ଯାହା ଜଣାଯାଇଛି ଦେଶରେ ମାନସିକ ରୋଗାକ୍ରାନ୍ତ ରୋଗୀଙ୍କ ପାଇଁ ୩୦,୦୦୦ ପବ୍ଲିକ ହସପିଟାଲ ବେଡ଼ ରହିଛି। ବର୍ତ୍ତମାନ ଭାରତରେ ପାଖାପାଖି ୧୨୦ ମିଲିଅନ ଲୋକ ମାନସିକ ଏବଂ ସ୍ନାୟୁ ଜନିତ ସମସ୍ୟାରେ ଛନ୍ଦି ହୋଇଯାଇଛନ୍ତି। ସାଂଘାତିକ ମାନସିକ ରୋଗରେ ଆକ୍ରାନ୍ତ ୨୪ ମିଲିଅନ ଲୋକ ସବୁ ସମୟରେ ପ୍ରଫେସନାଲ ସହାୟତା ଆବଶ୍ୟକ କରିଥାନ୍ତି। ଭାବବିହ୍ୱଳାତ୍ମକ ଲକ୍ଷଣ : ଚିଡ଼ଚିଡ଼ା ଲାଗିବା ସହ ଅତ୍ୟଧିକ ରାଗ ଏବଂ ବିଷାଦ ବାଦ କିଛି ଭାବବିହ୍ୱଳାତ୍ମକ ଏବଂ ବିଷାଦ ବାଦ କିଛି ଭାବବିହ୍ୱଳାତ୍ମକ ଲକ୍ଷଣ ବି ଏହି ମାନସିକ ରୋଗର ଏକ ଅଂଶବିଶେଷ ବୋଲି ଜାଣିବେ। ଏହିସବୁ ଲକ୍ଷଣମାନ ହେଉଛି - ଭୟ ଲାଗିବା, କୌଣସି କାମରେ ମନୋନିବେଶ ନଲାଗିବା, ଚିନ୍ତା ବଢ଼ିଯିବା, ରାଗ ବଢ଼ିଯିବା, କ୍ଲାନ୍ତ ଲାଗିବା, ବିପଦର ଲକ୍ଷଣସବୁ ଦେଖାଦେବା, ମସ୍ତିଷ୍କ ଶୂନ୍ୟ ହୋଇଯିବାପରି ଲାଗିବା। ସେହିପରି ଶାରୀରିକ ଲକ୍ଷଣ ଗୁଡ଼ିକ ହେଉଛି - ହୃତ୍‌ସ୍ପନ୍ଦନ ଅଧିକ ହେବା, ଝାଳ ବୋହିବା, ପେଟରେ ସମସ୍ୟା ଦେଖାଦେବ ଏବଂ ଅଧିକ ସମୟରେ ଘୁମ୍ ଲାଗିବା, ଅଧିକ ଥର ପରିଶ୍ରା ଲାଗିବ ଏବଂ ଡାଇରିଆ ବି ହୋଇପାରେ, ମାଂସପେଶୀରେ ଯନ୍ତ୍ରଣା ହେବା, ମୁଣ୍ଡ ବିନ୍ଧା ହେବା, ମୋଟାପଣ ବୃଦ୍ଧି ପାଇବ ଏବଂ ନିଦ ଠିକରେ ହେବନି। ବାସ୍ତବ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ। ପ୍ରାରମ୍ଭରୁ ଏହି ରୋଗକୁ କେହି ଜାଣିପାରି ନଥାନ୍ତି। ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। କିନ୍ତୁ ପ୍ରତିରୋଗ ପାଗଳାମି ନୁହେଁ। ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ନିଶ୍ଚିନ୍ତ ଉପଶମ ମିଳିବ।

**—ଡାକ୍ତର ସମ୍ରାଟ କର**
*ସହକାରୀ ପ୍ରଫେସର, ମାନସିକ ରୋଗ ବିଭାଗ, ପୁରୀଘାଟ ରୋଡ଼୍, କଟକ, ଦୂରଭାଷ : ୯୧୩୨୪୩୩୩୩୩*

## ସମ୍ବାଦ ଓ ସମାଜସେବାର ଉଜ୍ଜ୍ୱଳ ପ୍ରତିଭା ସ୍ୱର୍ଗତଃ ପ୍ରଫୁଲ୍ଲ କୁମାର ତ୍ରିପାଠୀ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ 'ନାରାୟଣ ସେବା ଫାଉଣ୍ଡେସନ୍' ପକ୍ଷରୁ ବରିଷ୍ଠ ସାମ୍ବାଦିକ, କେନ୍ଦ୍ର ସରକାରଙ୍କ ପୂର୍ବତନ ଉପମହାନିର୍ଦ୍ଦେଶକ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ସ୍ଥାନୀୟ ୟୁନିଟ୍-୩ସ୍ଥିତ ଆନନ୍ଦ ଆଶ୍ରୟ ଜରାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶିବନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ, ସମ୍ପାଦିକା ସମିତା ମହାରଣା ସମ୍ମାନିତ ଅତିଥି ଭାବେ, ସମ୍ପାଦକ ମଦନମୋହନ ପାଢ଼ୀ ଓ ବରିଷ୍ଠ ସାମ୍ବାଦିକ ବ୍ରଜବନ୍ଧୁ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତଃ ତ୍ରିପାଠୀ ସମ୍ବାଦ ଓ ସାମ୍ବାଦିକତା ଏବଂ ସମାଜସେବାର ଜଣେ ଉଜ୍ଜ୍ୱଳ ପ୍ରତିଭା ଥିଲେ ବୋଲି ମତବ୍ୟକ୍ତ କରିବା ସହିତ ଜାମ୍ମୁ-କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ତଥା ସାମ୍ବାଦିକତାକୁ ନୂତନ ଦିଗ ପ୍ରଦାନ କରିବାକୁ ଚେଷ୍ଟିତ ଥିଲେ। ଅସହାୟ, ଅନାଥ ବ୍ୟକ୍ତିମାନଙ୍କ ପାଇଁ ଏକ ସମର୍ପିତ ପ୍ରାଣସତ୍ତା ଥିଲେ ବୋଲି ଅତିଥିମାନେ ସ୍ମୃତିଚାରଣ କରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉଦୀୟମାନ ଯୁବ ସମାଜସେବୀ ନରେନ୍ଦ୍ର ରାଉତଙ୍କୁ ପ୍ରଫୁଲ୍ଲ କୁମାର ତ୍ରିପାଠୀ ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରି କୋଷାଧ୍ୟକ୍ଷ ଓ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ଯେ ଆଜିର ଯୁବପିଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ନିଜ ନିଜ ସ୍ତରରେ ମା' ମାଟି ଓ ମାତୃଭାଷା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରନ୍ତୁ। ଜରାଶ୍ରମରେ ଥିବା ଅନ୍ତେବାସୀଙ୍କ ପାଇଁ ୨ ମାସର ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା ଧନ୍ୟବାଦ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରମୁଖ ସହାୟତା କରିଥିଲେ ସମାଜସେବୀ ପଦ୍ମଚରଣ ମହାପାତ୍ର, ନାରାୟଣ ଖୁଣ୍ଟିଆ, ପ୍ରକାଶ କୁମାର ସାହୁ ଏବଂ ପିଙ୍କିନା ପ୍ରମୁଖ।

# ଷାଠିଏ ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ିଠାରୁ ବହୁ ଦୂରରେ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଅକ୍ଟୋବର ୧୫ରୁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ଧଳାବାଡ଼ି ସପ୍ତାହ ପାଳନ କରାଯାଇଥାଏ। ଦୃଷ୍ଟିବାଧିତ ବ୍ୟକ୍ତି ନିଜେ କିପରି ଆତ୍ମନିର୍ଭରଶୀଳ ହୋଇ ସ୍ୱଚ୍ଛନ୍ଦରେ ଧଳାବାଡ଼ି ସାହାଯ୍ୟରେ ଯାତାୟତ କରିପାରିବେ ଏ ସପ୍ତାହ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଆମ ରାଜ୍ୟରେ ପାଖାପାଖି ୬୦ ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ି ଠାରୁ ବହୁ ଦୂରରେ। ଅର୍ଥାତ୍ ଏହାକୁ ବ୍ୟବହାର କରନ୍ତି ନାହିଁ। ଯଦ୍ଦ୍ୱାରା ଏମାନେ ସଦାସର୍ବଦା ଅନ୍ୟ ଉପରେ ସାହାରା ହୋଇ ନିର୍ଭରଶୀଳ ହୋଇଯାଉଛନ୍ତି। ତତ୍‌ସହିତ ବିଭିନ୍ନ ପ୍ରକାରର ଅଘଟଣ ଓ ଦୁର୍ଘଟଣାର ଏମାନେ ବି ଶିକାର ହୋଇଥାନ୍ତି। ଦିନକୁ ଦିନ ଧଳାବାଡ଼ି ପ୍ରତି ବଢୁଛି ହୀନମନ୍ୟତା। ଧଳାବାଡ଼ି ବ୍ୟବହାର କଲେ କେହି ଆମକୁ ବୃଦ୍ଧ କିମ୍ବା ବୃଦ୍ଧା ଭାବିବେ ଅଥବା ଦୃଷ୍ଟିବାଧିତ ମନେ କରିବେ ବୋଲି ଧଳାବାଡ଼ିକୁ ଅନେକ ଦୃଷ୍ଟିବାଧିତ ବ୍ୟକ୍ତି ବା ବିଦ୍ୟାର୍ଥୀମାନେ ବ୍ୟବହାର କରୁନାହାଁନ୍ତି ବୋଲି ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲ୍‌ଫେୟାର, ଭୁବନେଶ୍ୱର ପକ୍ଷରୁ ବାରଙ୍ଗସ୍ଥିତ କନକଦୁର୍ଗା ମନ୍ଦିର ପରିସର ମଧ୍ୟରେ ଆୟୋଜିତ ବିଶ୍ୱ ଧଳାବାଡ଼ି ସପ୍ତାହ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଟ୍ରଷ୍ଟ ପକ୍ଷରୁ ବାରଙ୍ଗ ଉପକଣ୍ଠରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଦୃଷ୍ଟିବାଧିତ ବ୍ୟକ୍ତି ଓ ବିଦ୍ୟାର୍ଥୀଙ୍କୁ ଏହି ଅବସରରେ ମାଗଣାରେ ଧଳାବାଡ଼ି ପ୍ରଦାନ କରାଯାଇଥିଲା। ଧଳାବାଡ଼ିର ବ୍ୟବହାର ନିମନ୍ତେ ଦୃଷ୍ଟିବାଧିତ ମାନଙ୍କୁ ପ୍ରଶିକ୍ଷଣ ନେବାକୁ ପଡ଼ିଥାଏ। କିନ୍ତୁ ଆମ ରାଜ୍ୟରେ ଏ ନେଇ ଓରିଏଣ୍ଟେସନ୍ ଆଣ୍ଡ୍ ମୋବିଲିଟି ଟ୍ରେନିଂ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଆକସ୍ମିକ ଭବେ କୌଣସି ଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କର ଯଦି ଦୃଷ୍ଟିଶକ୍ତି ଚାଲିଯାଏ ତେବେ ଏହି ଟ୍ରେନିଂ ନେବା ପାଇଁ ଜାତୀୟ ଦୃଷ୍ଟିବାଧିତ ଅନୁଷ୍ଠାନ (ଏନ୍‌ଏବି) ମୁମ୍ବାଇକୁ ଯିବାକୁ ପଡ଼ିଥାଏ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ଓ ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରା ଏହି ଅବସରରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସାମାଜିକ କର୍ମୀ ଦୀପକ ରଞ୍ଜନ ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରବୀଣ ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କୁ ଧଳାବାଡ଼ି ବଣ୍ଟନ କରିଥିଲେ। ଟ୍ରଷ୍ଟର ଚେୟାରମ୍ୟାନ୍ ପ୍ରକାଶ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବାରଙ୍ଗ ବ୍ଲକର ଇଭି ଚାରୁଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କୋଟିଆ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି




ଭୁବନେଶ୍ୱର, (ପି.ଏନ): ବିଜେପି ସରକାରଙ୍କୁ ଟାର୍ଗେଟ କଲା ବିଜେଡି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋଟିଆ ପ୍ରସଙ୍ଗକୁ ନେଇ ବର୍ଷିଛନ୍ତି ବିଜେଡି ନେତା ପ୍ରଦୀପ ମାଝୀ । ସେ କହିଛନ୍ତି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛି ବିଜେପି ସରକାର । କୋଟିଆ ପ୍ରସଙ୍ଗରେ ଲୋକଙ୍କୁ ଠକିବା ପାଇଁ ରାଜ୍ୟ ସରକାର କମିଟି ଗଠନ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ସୀମା ବିବାଦ ଉପରେ ପଦୁଟିଏ କହୁନାହାନ୍ତି। ଏବେ ଟ୍ରିପଲ ଇଞ୍ଜିନ ସରକାର ଅଛି। ତଥାପି ସମାଧାନ ହେଉନାହିଁ । ପୂର୍ବ ବିଜେଡି ସରକାର ସମୟରେ କୋଟିଆ ପଞ୍ଚାୟତକୁ ୧୬୪ କୋଟି ଟଙ୍କାର ଭେଟି ଦିଆଯାଇଥିଲା । ସବୁଠି ରାସ୍ତା, ପାଣି ଓ ବିଦ୍ୟୁତ ବ୍ୟବସ୍ଥା କରାଯାଇଥିଲା । କୋଟିଆବାସୀଙ୍କୁ ବିଏସକେୱାଇ କାର୍ଡ ଦିଆଯାଇଥିଲା । କୋଟିଆରେ ଲୋକଙ୍କୁ ନିଯୁକ୍ତି ଦେବା ସହ ନବୀନଙ୍କ ସମୟରେ ନକ୍ସଲମାନଙ୍କୁ ଦମନ କରିବା ଓ ପର୍ଯ୍ୟଟନର ବିକାଶ କରାଯାଇଥିଲା । ଏବେ ରାଜସ୍ୱ ମନ୍ତ୍ରୀ କହୁଛନ୍ତି, ସେଠି ଚାଷୀମାନଙ୍କୁ ମାର୍କେଟ ଆକ୍ସେସ ଦେବେ। ପ୍ରଥମେ ସୀମା ବିବାଦର ସମାଧାନ କରନ୍ତୁ। ପାର୍ଲାମେଣ୍ଟରେ ଏ ପ୍ରସଙ୍ଗ ଉଠାନ୍ତୁ। କୋଟିଆର ଚାଷୀଙ୍କୁ ଉପେକ୍ଷା କରାଯାଉଛି । କୋଟିଆ ଲାଗି ରାଜ୍ୟ ସରକାରଙ୍କ ଦୃଷ୍ଟିଭଙ୍ଗୀ କ'ଣ ? ବୋଲି ପ୍ରଶ୍ନ କରିଛି ବିଜେଡି ।

# ଇ-କେୱାଇସି ଆଳରେ ରାଜ୍ୟର ୨୦ ଲକ୍ଷ ହିତାଧିକାରୀଙ୍କ ରାସନ କାଟିବାକୁ ଚକ୍ରାନ୍ତ କରିଛନ୍ତି ସରକାର

ଭୁବନେଶ୍ୱର,୬।୬(ପି.ଏନ): ପ୍ରଥମେ ଭୂତ ରାସନ କାର୍ଡ କହି ଭୂତାଇଲେ। ଏବେ ଇ-କେୱାଇସି ଆଳରେ ଦାନାପାଣି କାଟିବାକୁ ଚକ୍ରାନ୍ତ । ରାଜ୍ୟର ଗରିବ ଲୋକଙ୍କ ରାସନ କାଟିବାକୁ ବିଜେପି ସରକାର କରିଛନ୍ତି ଷଡ଼ଯନ୍ତ୍ର । ସରକାରଙ୍କୁ ଘେରିଲା ବିଜେଡି । ବିଜେଡି ବିଧାୟକ ରମେଶ ବେହେରା କହିଛନ୍ତି ନବୀନ ପଟ୍ଟନାୟକ ଗରିବଙ୍କୁ ରାସନ କାର୍ଡ ଦେଇଥିଲେ । ରାଜ୍ୟରେ ବିଜେପି ସରକାର ହେବାଦିନ ଠାରୁ ଗରିବଙ୍କ ରାସନ କାର୍ଡ କାଟି ଚାଲିଛନ୍ତି। ଯେଉଁ ଗରିବଲୋକମାନେ ବାହାରେ ରହୁଛନ୍ତି , ସେମାନେ ଇ-କେୱାଇସି କରି ପାରିନାହାଁନ୍ତି । ସେମାନଙ୍କ ରାସନ କାର୍ଡ କାଟିବା ଅନୁଚିତ ବୋଲି ବିଜେଡି କହିଛି । ସେପଟେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛି କଂଗ୍ରେସ । ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି, ବିଜେପି ଅଚାନକ ଭାବେ ରାଜ୍ୟରେ ସରକାର ଗଢିଛି । ନିର୍ବାଚନବେଳେ ବିଜେପି ଯାହା ପ୍ରତିଶୃତି ଦେଇଥିଲା ତାହା ବିଜେପି ପାଳନ କରିନାହିଁ । ଗୋଟିଏ ଲୋକଙ୍କୁ ଚାଉଳ ଦେଇନଥିବା ବିଜେପି ସରକାର ଲୋକଙ୍କ ଚାଉଳ କାଟିବାକୁ ଯୋଜନା କରିଛି । ତେଣୁ ମନ୍ତ୍ରୀ ପୁଣିଥରେ ଘୋଷଣା କରନ୍ତୁ ଯେ ଜଣେ ବି ଗରିବର ରାସନ କାର୍ଡ କଟିବନି । ନହେଲେ କଂଗ୍ରେସ ଏହା ବିରୋଧରେ ଜୋରଦାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି ।ସେପଟେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଏହି ଜୁନରେ ସରିବ ଇ-କେୱାଇସି ପ୍ରକ୍ରିୟା । ଏଯାଏ ୯୫ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରିଛନ୍ତି । ଜୁନରେ ପ୍ରକ୍ରିୟା ସରିଲେ ଯେଉଁମାନେ କରିନାହାନ୍ତି ସେମାନଙ୍କୁ ବାଦ ଦିଆଯିବ । ମନ୍ତ୍ରୀଙ୍କ ଯୁକ୍ତି ଅନୁସାରେ ବାଦ ପଡିପାରନ୍ତି ୨୦ ଲକ୍ଷ ହିତାଧିକାରୀ । ଯାହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି । ଶୁଣନ୍ତୁ ରାସନ କାର୍ଡ କାଟ କାଟିବା ନେଇ କଣ କହିଥିଲେ ଯୋଗାଣ ମନ୍ତ୍ରୀ । ବିଜେପି ସରକାର ଆସିବା ମାତ୍ର କେଇଟା ଦିନ ଭିତରେ ମାଣ୍ଡିପଙ୍କାରେ ରାସନ ନପାଇ ଅଖାଦ୍ୟ ଖାଇ ଆଦିବାସୀଙ୍କ ଜୀବନ ଯାଇଥିଲା । ଅଭିଯୋଗ ପରେ ହୁଲସ୍ଥୁଲ ହୋଇଥିଲା ବିଧାନସଭା । ଏହାପରେ ବି ବର୍ଷ ? ଭିତରେ ସରକାର କିଛି ଶିଖିନାହାନ୍ତି । ଯଦି ଇ-କେୱାଇସି ଆଳରେ ଗରିବ ଲୋକଙ୍କ ରାସନ ସରକାର କାଟନ୍ତି ତେବେ ବିଜେଡି ଏହା

# ଆରଡ଼ି ନାନ୍ଦପୁର ଗାଁରେ କଙ୍ଗାରୁ କୋର୍ଟ, ୨ ଜାତି ମଧ୍ୟରେ ବିବାଦ ଯୋଗୁଁ ୫ ହଜାର ଜରିମାନା

ଭଦ୍ରକ,୬।୬(ପି.ଏନ): ଭଦ୍ରକ ଜିଲ୍ଲା ଆରଡ଼ିରେ ଫାଣ୍ଡି ଅଧିନସ୍ଥ ନାନ୍ଦପୁର ଗାଁରେ କଙ୍ଗାରୁ କୋର୍ଟ। ଗାଁରେ ୨ ଜାତି ମଧ୍ୟରେ ବିବାଦ ଯୋଗୁଁ ଜରିମାନା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ଚାଲିଗଲା ଜଣେ ନିରୀହ ଲୋକଙ୍କ ଜୀବନ। ନାନ୍ଦପୁର ଗାଁରେ କିଛି ମାସ ହେଲା ଦୁଇ ସାହି ମଧ୍ୟରେ ବିବାଦ ଲାଗିରହିଛି । ଗତ ସୋମବାର ଦିନ ବିଶ୍ୱନାଥ ଦାଶ ନାମକ ବ୍ୟକ୍ତି ଟ୍ରାକ୍ଟରରେ ଜଣକ ଜମି ହଳ କରିଥିଲେ । ଯାହାକୁ ନେଇ ଅନ୍ୟ ସାହିର କିଛି ନିର୍ଦ୍ଦିଷ୍ଟ ଲୋକ ବୈଠକ ଡାକି ବିଶ୍ୱନାଥଙ୍କୁ ତାଗିଦ କରିବା ସହ ୫ ହଜାର ଟଙ୍କା ଜରିମାନା କରିଥିଲେ । ଟଙ୍କା ନଦେଲେ ଏକଘରିଆ କରିବାକୁ ଧମକ ଦେଇଥିଲେ । ୫ ହଜାର ଟଙ୍କା କେଉଁଠାରୁ ଦେବେ ସେଇ ଚିନ୍ତାରେ ବିଶ୍ୱନାଥଙ୍କର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ କଟକ

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି। ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି। ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି। ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି। ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି। ପାର୍ଟିର

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ।ୟତ ସମେତ ମଳଦା,ଫୁଲଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ।ୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉେ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବୃକ୍ଷରୋପଣ,ଦିବ୍ୟାଙ୍ଗ ଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତୃଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ। ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି। କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ। ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍‌ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Saturday June 07 ଭୁବନେଶ୍ୱର ଶନିବାର, ୦୭, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଇଫକୋ ପାରାଦୀପ ୟୁନିଟ ପରିସରରେ ୫୨ତମ ବିଶ୍ୱ ପରିବେଶ ଦିବସ ପାଳିତ



ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୫୨ତମ ବିଶ୍ୱ ପରିବେଶ ଦିବସ ୨କ୍ସ୨୫ ଗୁରବାର ଦିନ ପାଳିତ ହୋଇଯାଇଛି । 'ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ' ଶୀର୍ଷକ ଓ ପ୍ଲାଷ୍ଟିକ ବର୍ଜନ ସ୍ଲୋଗାନ ଆଧାରିତ ଏବଂ ସବୁଜ ଏବଂ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ଇଫକୋ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଙ୍କ ସମେତ ପରିବେଶ ଯନ୍ତ୍ରୀ ଡ଼ି.ଏଲ.ମହାପାତ୍ର, କୁମାରୀ ବିବେଚିତା ଷଡଙ୍ଗୀ, ସହ ପରିବେଶ ବିଜ୍ଞାନୀ କୁମାରୀ ଅନ୍ୱେଷା ପଣ୍ଡା, ଇଫକୋ ସାଧାରଣ ପରିଚାଳକ କେ.ଆର.ଏନ ମୂର୍ତ୍ତି ଓ ଜେଜିଏମ ଆର.କେ.ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ ।

# ଇଂଜିନିର ରାଜେନ୍ଦ୍ର ରାଉତଙ୍କର ୪୩ତମ ସ୍ମୃତି ଦିବସ ପାଳନ



ଭୁବନେଶ୍ୱର, (ପି.ଏନ) : ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଓ ନିଖିଳ ଓଡ଼ିଶା ଶିକ୍ଷକ କର୍ମଚାରୀ ପେନସନ୍ ମହାସଂଘର ମିଳିତ ଉଦ୍ୟମରେ ସମନ୍ୱୟ ସମିତିର ଅଶୋକନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ସମନ୍ୱୟ ସମିତିର ସଭାପତି ଶ୍ରୀ ପ୍ରଶାନ୍ତ କୁମାର ମହାନ୍ତି ଓ ନିଖିଳ ଓଡ଼ିଶା ଶିକ୍ଷକ କର୍ମଚାରୀ ପେନସନର୍ସ ମହାସଂଘର ଅଧକ୍ଷ ଶ୍ରୀ ପ୍ରତାପ ମିଶ୍ର ମିଳିତ ସଭାପତି ମଣ୍ଡଳୀ ଦ୍ୱାରା ୪୩ତମ ସ୍ମୃତିସଭା ପାଳିତ ହୋଇଥିଲେ । ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତିର ଅଧକ୍ଷ ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ରାଉତରାୟ ଯୋଗଦେଇ ଜୁଲାଇ ୯ ତାରିଖ ସମୂହ ଆନ୍ଦୋଳନକୁ ସଫଳ କରାଗଲେ ତାହା ସ୍ୱର୍ଗତ ଇଂ. ରାଜେନ୍ଦ୍ର ରାଉତଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଳି ହେବ ବୋଲି ମତ ପୋଷଣ କରିଥିଲେ । ନିଖିଳ ଓଡ଼ିଶା ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘର କାର୍ଯ୍ୟକାରୀ ଅଧକ୍ଷ ଶ୍ରୀ କ୍ଷେତ୍ରମୋହନ ଦାସ, ପେନ୍‌ସନ୍ ମହାସଂଘର ମହାସଚିବ ଶ୍ରୀ ନରୋ ମ ପାର୍ଥସାରଥି, ୧୯୭୪ ମସିହାରେ ବାଲିମେଳାର ସମସ୍ତ କର୍ମଚାରୀ ଆନ୍ଦୋଳନକୁ ଶ୍ରୀ ରାଉତ ସଫଳ କରିପାରିଥିଲେ । ପରବ ୀ ଅବସ୍ଥାରେ ଭୁବନେଶ୍ୱରରେ ସ୍ୱର୍ଗତ ରାଉତ ସଚିବାଳୟଠାରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ସଂଗଠିତ କରୁଥିବା ସମୟରେ ୧୯୮୨ ମସିହା ଜୁନ୍ ମାସ ୫ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଶିକ୍ଷକ ଓ କର୍ମଚାରୀ ମହାସଂଘର ଅନ୍ୟତମ କାର୍ଯ୍ୟକାରୀ ଅଧକ୍ଷ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ଯୋଜନା କର୍ମଚାରୀ ନେତୃତ୍ୱ ଶ୍ରୀ ପ୍ରଭାତ କୁମାର ସିଂହ, ମୀନକେତନ ଦାସ, ବିଜୟ କୁମାର ନାୟକ, ରିତ କୁମାର ମହାନ୍ତି, ସୁଧୀର ଚନ୍ଦ୍ର ପାଣିଗ୍ରାହୀ ଆଦି ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ । ସର୍ବଶେଷରେ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର କାର୍ଯ୍ୟାଳୟ ସମ୍ପାଦକ, ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ଶ୍ରୀ କାହ୍ନୁଚରଣ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ସଭାସାଙ୍ଗ ହୋଇଥିଲା ।

# ମାହାଙ୍ଗା ବ୍ଲକ କର୍ମଚାରୀଙ୍କ କ୍ୱାଟର ମରାମତି ନାମରେ ବ୍ୟାପକ ଅନିୟମିତତାର ତଦନ୍ତ ହେବ କେବେ ?

ମାହାଙ୍ଗା (ପି.ଏନ): ମାହାଙ୍ଗା ବ୍ଲକର ଗୁମର ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । କିଭଳି ଭାବରେ ବ୍ଲକ ପ୍ରଶାସନ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାଟର ଗୁଡିକର ମରାମତି ନାମରେ ୧୭ଲକ୍ଷ ୧୬ ହଜାର ୨୩୫ଟଙ୍କା ଖର୍ଚ୍ଚ ଦର୍ଶାଇଛନ୍ତି ତାହା ତଦନ୍ତ ଯୋଗ୍ୟ । ଦୁଇ ମାସ ତଳେ ମାହାଙ୍ଗା ବ୍ଲକର ଜନୈକ କର୍ମଚାରୀ ନିଜ ନାମକୁ ଗୋପନ ରଖି ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ ବ୍ଲକ କର୍ମଚାରୀଙ୍କ କ୍ୱାଟର ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରାଯାଇଛି । ସେ ସଂପର୍କରେ ସୂଚନା ତଥ୍ୟ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟକୁ ମଗାଯାଇଥିଲା । ବ୍ଲକ କାର୍ଯ୍ୟାଳୟ ସୂଚନା ତଥ୍ୟ ନଂ ୯୬ ତା.୨୪.୧୧. ୨୦୨୩ ରିଖରେ ଜଣାପଡିଲା ଯେ ବ୍ଲକ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାଟର ମରାମତି ପାଇଁ ୨୦୧୫-୧୬ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ଆସିଥିଲା । ୩ ଲକ୍ଷ ଟଙ୍କା ଖର୍ଚ୍ଚ ବି ହୋଇଛି । ସେହିଭଳି ୨୦୧୯-୨୦ ଆର୍ଥିକ ବର୍ଷରେ ୧ଲକ୍ଷ୧୬ହଜାର୨୩୫ ଟଙ୍କା ଅନୁଦାନ ଆସିଥିଲା । ତାହାବି କ୍ୱାଟର ମରାମତିରେ ଖର୍ଚ୍ଚ ହୋଇଛି । ସେହିଭଳି ୨୦୨୦-୨୧ ଆର୍ଥିକ ବର୍ଷରେ କ୍ୱାଟର ମରାମତି ପାଇଁ ୨୮ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା ସେଥିମଧ୍ୟରୁ ୧୬ଲକ୍ଷ ଟଙ୍କା କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ୧୨ଟି କ୍ୱାଟରର ମରାମତିରେ ଖର୍ଚ୍ଚ କରାଯାଇଛି । ବ୍ଲକ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନା ତଥ୍ୟ ନଂ ୯୭, ତା.୨୪.୧୧.୨୦୨୩ ରିଖ ତଥ୍ୟରୁ ଜଣାପଡିଲା ଯେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ୧୨ ଗୋଟି କ୍ୱାଟର ଭାଙ୍ଗିବା ପାଇଁ ତା. ୦୯.୦୩.୨୦୨୧ ମସିହାରେ ନୋଟିସ ନଂ ୮୧୧ରେ କୋଟେସନ ଡକା ଯାଇଥିଲା । ପ୍ରଶ୍ନଉଠେ ବ୍ଲକ ପ୍ରଶାସନ ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ବ୍ଲକ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ୧୨ ଗୋଟି କ୍ୱାଟରର ମରାମତି ପାଇଁ ୧୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କଲେ । ମରାମତି ଶେଷ ପରେ କାହାନିର୍ଦ୍ଦେଶରେ ୧୨ଗୋଟି କ୍ୱାଟର ଭାଙ୍ଗିଲେ । ଯଦି କ୍ୱାଟର କର୍ମଚାରୀଙ୍କ ରହିବା ପାଇଁ ଉପଯୁକ୍ତ ନଥିଲା ତେବେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବ୍ଲକ ପ୍ରଶାସନ କାହାସ୍ୱାର୍ଥରେ ମରାମତି କରୁଥିଲେ । ଅପରପକ୍ଷରେ ବ୍ଲକ ପ୍ରଶାସନ କ୍ୱାଟର ଭାଙ୍ଗିବା ପାଇଁ କୌଣସି ଅର୍ଥ ଖର୍ଚ୍ଚ କରିନାହିଁ । ଯାହାକି ସୂଚନା ତଥ୍ୟରୁ ଜଣାପଡିଛି । ତେବେ ଠିକାଦାର ଜଣକ ବିନା ଅର୍ଥରେ ୧୨ ଗୋଟି କ୍ୱାଟର ଭାଙ୍ଗିବାର ଭିତିରି ରହସ୍ୟ କ'ଣ ଥିଲା । ପୁଣି ସେହିଠିକାଦାର ବ୍ଲକ ପ୍ରଶାସନ ନିକଟରେ ୭୨ ହଜାର ଟଙ୍କା ଜମାକରି କ୍ୱାଟର ଭଙ୍ଗାଯିବା ପରେ ଅବ୍ୟବହୃତ ପୁରୁଣା ସାମଗ୍ରୀକୁ ନିଲାମରେ ନେଇଛନ୍ତି । ବ୍ଲକ ପ୍ରଶାସନ ସହିତ ଠିକାଦାରଙ୍କର ଭିତିରି ସଂପର୍କକୁ ନେଇ ପ୍ରଶ୍ନ ଉଠୁଛି । ଏବେ ସାଧାରଣରେ ଅଭିଯୋଗ ହେଉଛି ଯେ କ୍ୱାଟର ମରାମତି କରାନଯାଇ ମିଥ୍ୟାବିଲ୍ କରାଯାଇଥିଲା । ପ୍ରମାଣ ନଷ୍ଟ ପାଇଁ ବ୍ଲକ ପ୍ରଶାସନ ତରବରିଆ ଭାବେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାଟରକୁ ଭାଙ୍ଗିଛନ୍ତି । ଏଠାରେ ବ୍ଲକ ପ୍ରଶାସନର କାର୍ଯ୍ୟକୁ ନେଇ ଚର୍ଚ୍ଚା ହେଉଥିଲା ବେଳେ ଏହି ଘଟଣାର ତଦନ୍ତ କେବେ କରାଯିବ ସେ ନେଇ ପ୍ରଶ୍ନ ଉଠୁଛି । ବ ମାନ ବିଜେପି ସରକାର ଏହାର ତଦନ୍ତ କରିବା ପାଇଁ ସର୍ବସାଧାରଣରେ ଦାବି ହେଉଛି ।

# ଶ୍ରମିକ ସଂଘ ବିବାଦ , ୭ଜଣଙ୍କ ନାମରେ ମାମଲା ରୁଜୁ

ପାରାଦୀପ,(ପି.ଏନ): ସରକାର ବଦଳିବ ସହିତ ବନ୍ଦର ନଗରୀ ପାରାଦୀପରେ ଥିବା ବିଭିନ୍ନ ଶ୍ରମିକ ସଙ୍ଗଠନରେ ଏବେ ବିବାଦ ଆରମ୍ଭ ହୋଇଛି । ଗତ କିଛିଦିନ ହେବ ସର୍ବ ପୁରାତନ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜ୍‌ଦୁର ୟୁନିୟନରେ ମଧ ବିବାଦ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି । ଦୀର୍ଘ ଦଶନ୍ଧି ଧରି ସ୍ୱର୍ଗତ ମହାନ ସର୍ବଭାରତୀୟ ଶ୍ରମିକ ନେତା ଶ୍ରୀଯୁକ୍ତ ଘନଶ୍ୟାମ ଜେନାଙ୍କ ଦ୍ୱାରା ପ୍ରତିଷ୍ଠା ଲାଭ କରି ଏହି ୟୁନିୟନ କାର୍ଯ୍ୟ କରୁଥିବା ବେଳ ଇଉନିୟନରୁ ବିତାଡିତ ଓ ଇଉନିୟନରେ ଆଉ ସଦସ୍ୟତା ନଥିବା କିଛି ଶ୍ରମିକ ଇଉନିୟନର ଲେଟରହେଡ କୁ ଚୋରିକରି ବ୍ୟବହାର ପୂର୍ବକ ବ୍ୟାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରରେ ବ୍ୟବହାର କରିଥିବା ୟୁନିୟନର ଦୃଷ୍ଟି ଗୋଚର ହେବାପରେ ଏହି ଘଟଣାବଳୀ କୁ ନେଇ ୟୁନିୟନ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଇନର ଆଶ୍ରୟ ନେଇଥିଲା । ଯାହାର ବିଚାର କରି ମାନ୍ୟବର କୁଜଙ୍ଗ ଜେଏମଏଫସି ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ପାରାଦୀପ ଆଦର୍ଶ ଥାନାରେ କେସ ନ ୧୩୨-୨୫.୦୫.୨୦୨୫ରେ ନିରଞ୍ଜନ ମହାପାତ୍ର, ବିଜୟ ବରାଳ, କାଳୁ ବରାଳ, ବିରଂଚି ନାରାୟଣ ସୁନ୍ଦରାୟ, ନବୀନ ବଳିୟାରସିଂ, ଶରତ ମଲ୍ଲିକ ଓ ଅଲ୍ଲାରନାଥ ରଣହାନ୍‌ଦୋଳଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ୩୧୯(୨) ୩୧୮(୪), ୩୩୮, ୩୩୬(୩), ୩୪୦(୨), ୩୨୯(୪), ୨୯୬, ୩୨୪(୪), ୩୨୪(୫), ୧୧୫(୨), ୩୦୩(୨), ୬୧(୨) ଦଫା ଅନୁସାରେ ମାମଲା ପଂଜିକୃତ ହୋଇଅଛି ବୋଲି ଇଉନିୟନ ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ ଦର୍ଶାଯାଇଛି । ଇତି ମଧ୍ୟରେ ମାମଲା ପଞ୍ଜିକରଣକୁ ୧୦ ଦିନ ବିତି ଯାଇଥିଲେ ମଧ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଓ ୟୁନିୟନରୁ ଚୋରି ହୋଇଥିବା ଲେଟରହେଡକୁ ଜବତ କରାଯାଇନାହିଁ ବୋଲି ଇଉନିୟନ ପକ୍ଷରୁ ଅଭିଯୋଗ କରାଯାଇଛି । ଏଣୁ ଆମ୍ଭ ୟୁନିୟନରୁ ଚୋରି ହୋଇଥିବା ଲେଟରହେଡକୁ ଜବତ କରିବା ଓ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନ ନିକଟରେ ଦାବି କରୁଅଛୁ ବୋଲି ଇଉନିୟନ ପକ୍ଷରୁ ଏହି ପ୍ରେସ ଇସ୍ତାହାରରେ ଦର୍ଶାଯାଇଛି । ସେହିପରି ୟୁନିୟନର ସଦସ୍ୟତା ଦାବି କରୁଥିବା କାଳୁ ବରାଳ, ବିରଂଚି ନାରାୟଣ ସୁନ୍ଦରାୟ, ଶରତ ମଲ୍ଲିକ ପ୍ରମୁଖ ଜିପିଏମର ଶ୍ରମିକ ହୋଇଥିଲା ବେଳେ ୨୦୨୨ ପରଠାରୁ ଆମ୍ଭ ୟୁନିୟନର କୌଣସି ଜିପିଏମ ଶ୍ରମିକ ସଦସ୍ୟ ନାହାନ୍ତି ଏବଂ ବିଜୟ ବରାଳ ଓ ନିରଞ୍ଜନ ମହାପାତ୍ର ୟୁନିୟନର ଶୃଙ୍ଖଳା ଭଙ୍ଗକରି ୟୁନିୟନର ବିରୋଧୀ କାର୍ଯ୍ୟରେ ଲିପ୍ତଥିବା ପ୍ରମାଣିତ ହେବାପରେ ସେମାନଙ୍କୁ ୟୁନିୟନରୁ ସର୍ବସମ୍ମତିକ୍ରମେ ବିତାଡିତ କରାଯାଇଛି ବୋଲି ଇଉନିୟନର ସାଧାରଣ ସମ୍ପାଦକ ସନାତନ ବେହେରା ପ୍ରକାଶ କରିଛନ୍ତି । ୟୁନିୟନ କାହାର ଧମକରେ କିମ୍ବା କାହାର ଚକ୍ରାନ୍ତରେ ବ୍ୟଥିତ ଓ ବ୍ୟସ୍ତ ବିବ୍ରତ କିମ୍ବା ବିଚଳିତ ହୁଏନାହିଁ । ପୂର୍ବପରି ୟୁନିୟନ ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ତାର ଲଢେଇ ଜାରିରଖିଥିବା ବେଳେ ଏବେବି ଅନେକ ନୂତନ ଶ୍ରମିକ ଆମ୍ଭ ୟୁନିୟନର ସଦସ୍ୟତା ଗ୍ରହଣ କରିବା ପାଇଁ ସ୍ୱତପ୍ରବୃତଭାବେ ଆଗମନ କରୁଛନ୍ତି ବୋଲି ଇଉନିୟନ ପକ୍ଷରୁ ଦୃଢତାର ସହ ଏହି ପ୍ରେସ ଇସ୍ତାହାରରେ ପ୍ରକାଶ କରାଯାଇଛି ।

# ପରିବେଶଗତ କାର୍ଯ୍ୟରେ ସିକରପାଇ ହାଇସ୍କୁଲ ଜାତୀୟ ଗୌରବ ଅର୍ଜନ କରି ଏକ ଉଦାହରଣ ସ୍ଥାପନ କରିଛି




ଭୁବନେଶ୍ୱର,(ପି.ଏନ): ଓଡ଼ିଶା ସରକାର ଜଙ୍ଗଲ, ପରିବେଶ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଶ୍ରେଷ୍ଠ ଇକୋ-କ୍ଲବ ସମ୍ମାନ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ଇକୋ - କ୍ଲବ ପକ୍ଷରୁ କରାଯାଇଥିବା ପରିବେଶ ଆଧାରିତ ଜୀବନଶୈଳୀ ଏବଂ ପରିବେଶ ଅନୁକୂଳ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଜ୍ୟରେ ପ୍ରଥମ ସ୍ଥାନ ଏବଂ ଜାତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସରକାରୀ ଉଚ୍‌ଚ ବିଦ୍ୟାଳୟ, ଶିକରପାଇ,ରାୟଗଡ଼ା ଇକୋ - କ୍ଲବ୍ କୁ ୨୦,୦୦୦ (କୋଡ଼ିଏ ହଜାର)ପୁରସ୍କାର ସହ ପ୍ରମାଣ ପତ୍ର ପ୍ରଦାନ କରାଗଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ଏବଂ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଷ ରାମ ସିଂ ଖୁଣ୍ଟିଆ ,ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ମନୋଜ ଆହୁଜା (ଆଇ .ଏ .ଏସ୍), ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚୀବ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର, ମୁଖ୍ୟ ବନ ସଂରକ୍ଷଣ ଭାବେ ଶ୍ରୀଯୁକ୍ତ ସୁରେଶ ପନ୍ତ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଚିବ ଉମା ନନ୍ଦୁରୀ ଉପସ୍ଥିତି ରହି କାର୍ଯ୍ୟ କ୍ରମରେ ଭାରପ୍ରାପ୍ତ ଇକୋ କ୍ଲବ ଶିକ୍ଷକ ଶ୍ରୀଯୁକ୍ତ ତାପସ କୁମାର ଦଳାଇ ଗ୍ରହଣ ଯୋଗଦେବା ସହ ସମସ୍ତ ଜିଲ୍ଲାର ପ୍ରକଳ୍ପ ମଧ୍ୟରୁ ଶ୍ରୀମାନ ରଞ୍ଜୀତ ପଣ୍ଡା ,ସରକାରୀ ଉଚ୍ଚ ବିଦ୍ୟାଳୟ , ଶିକରପାଇ ର ନବମ ଶ୍ରେଣୀର ଛାତ୍ର ବିଭିନ୍ନ ଅଳିଆ ଆବର୍ଜ୍ଜନାରୁ ଇକୋ ବ୍ରିକ୍ ପ୍ରସ୍ତୁତ କରି କିପରି ଜୀବିକା ଅର୍ଜନ କରିହେବ ସୁନ୍ଦର ବାର୍ତ୍ତା ନେଇ ଦର୍ଶକ ମନକୁ ଛୁଇଁ ଯାଇଥିଲା । ଏଥି ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ର ରଞ୍ଜୀତ କୁମାର ଗିରି ସ୍ୱାଗତ ପଦକ୍ଷେପ କୁ ଉତ୍ସାହିତ କରି ଆଗକୁ ଆହୁରି ବଢିବା ପାଇଁ ବାର୍ତ୍ତା ବହନ କରି ଖୁସି ହୋଇ ଥିଲେ । ଏବଂ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ତତ୍ ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସମେତ ଶିକରପାଇ ଗ୍ରାମର ଗ୍ରାମବାସୀ ଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray